
JioMart.com
Presents
ଇଣ୍ଡିଆର ସବୁଠାରୁ ବଡ଼ ଗ୍ରୋସରୀ ସେଲ୍
ଫୁଲ୍ ପଇସା ଅସୁଲ୍ ସେଲ୍
22nd-26th Jan
ସଞ୍ଚୟ କରିବାର ଏବେ ଅଛି ଡାକ
ତେବେ ସେଲିବ୍ରେସନ୍ ହେବ ଇନ୍ ଆଡଭାନ୍ସ
ଜିଓମାର୍ଟ ଆପ୍ ବର୍ତ୍ତମାନ ଡାଉନଲୋଡ୍ କରନ୍ତୁ
ଫ୍ରୀ ହୋମ୍ ଡେଲିଭରୀ
ସର୍ବନ୍ୟୁନ ଅର୍ଡର୍ ନାହିଁ
ଅଫର୍ସ ଏଠାରେ ମଧ୍ୟ ଉପଲବ୍ଧ
SMART STORES
Reliance fresh
33% ଛାଡ଼
ବିସ୍କୁଟ୍- ଲାର୍ଜ୍ ପ୍ୟାକ୍ 300 g ଡେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ)
33% to 50% ଛାଡ଼
+ଅତିରିକ୍ତ10% କ୍ୟାସ୍‌ବ୍ୟାକ୍*
MRP ₹120 ଡେଣିକି
କୋକା କୋଲା / ସ୍ପ୍ରାଇଟ୍ / ଥମ୍ସ ଅପ୍ 2.25 ℓ
33% ଛାଡ଼
+ଅତିରିକ୍ତ10% କ୍ୟାସ୍‌ବ୍ୟାକ୍*
MRP ₹95 ଆମ ମୂଲ୍ୟ ₹64
ଚକୋଲେଟ୍ ହୋମ୍ ପ୍ୟାକ୍ (ହର୍ଶେ'ସ୍ 108 g / ଡେରୀ ମିଲ୍କ 140 g / ପର୍କ 175.5 g / ଫାଇଭ ଷ୍ଟାର 200 g) ଲୋଟି ଚକୋ ପାଏ 336 g
33% ଛାଡ଼
+ଅତିରିକ୍ତ10% କ୍ୟାସ୍‌ବ୍ୟାକ୍*
MRP ₹50 ଡେଣିକି ଆମ ମୂଲ୍ୟ ₹34 ଡେଣିକି
ୟିପୀ/ଟପ୍ ରାମେନ୍ / ଚିଙ୍ଗସ ସିକ୍ରେଟ୍ ନୁଡୁଲ୍ସ / 240 g ଡେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ)
33% ଛାଡ଼
+ଅତିରିକ୍ତ10% କ୍ୟାସ୍‌ବ୍ୟାକ୍*
MRP ₹60 ଡେଣିକି ଆମ ମୂଲ୍ୟ ₹40 ଡେଣିକି
ଫ୍ରୋଜନ୍ ସ୍ନାକ୍ସ (ନିର୍ଦ୍ଦିଷ୍ଟ ରେଞ୍ଜ)
33% ଛାଡ଼
+ଅତିରିକ୍ତ10% କ୍ୟାସ୍‌ବ୍ୟାକ୍*
MRP ₹99 ଡେଣିକି ଆମ ମୂଲ୍ୟ ₹66 ଡେଣିକି
ଗୋଟା ମସଲା (ସବୁ ରେଞ୍ଜ)
33% ଛାଡ଼
+ଅତିରିକ୍ତ10% କ୍ୟାସ୍‌ବ୍ୟାକ୍*
*MRP ଉପରେ
ଅର୍ଗାନିକ୍ ଷ୍ଟାପଲ୍ସ (ସବୁ ରେଞ୍ଜ)
33% ଛାଡ଼
+ଅତିରିକ୍ତ10% କ୍ୟାସ୍‌ବ୍ୟାକ୍*
*MRP ଉପରେ
ଟାଟା ସମ୍ପନ ପଲସେସ୍ (ସବୁ ରେଞ୍ଜ)
33% ଛାଡ଼
+ଅତିରିକ୍ତ10% କ୍ୟାସ୍‌ବ୍ୟାକ୍*
*MRP ଉପରେ
ପେଅର୍ସ / ଡଭ୍ / ଡେଟଲ୍ / ଫିଆମା ସୋପ୍ 125 g X 4 / ଗୋଦରେଜ୍ No. 1 150 g X 4 / ଲକ୍ସ /ସନ୍ତୁର 150 g X 3 ସୋପ୍ (ମଲ୍ଟି ପ୍ୟାକ୍) (ନିର୍ଦ୍ଦିଷ୍ଟ ରେଞ୍ଜ)
33% ଛାଡ଼
+ଅତିରିକ୍ତ10% କ୍ୟାସ୍‌ବ୍ୟାକ୍*
MRP ₹154 ଡେଣିକି ଆମ ମୂଲ୍ୟ ₹103 ଡେଣିକି
କୋଲଗେଟ୍ ମ୍ୟାକ୍ସଫ୍ରେଶ/ସ୍ୱର୍ଣ୍ଣ ବେଦଶକ୍ତି/ କ୍ଲୋଜ୍ ଅପ୍ ରେଡ୍/ମେସୱାକ୍/ପେପ୍ସୋଡେଣ୍ଟ ଜର୍ମିଚେକ୍ ଟୁଥପେଷ୍ଟ 300 g ଡେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ)
33% ଛାଡ଼
+ଅତିରିକ୍ତ10% କ୍ୟାସ୍‌ବ୍ୟାକ୍*
MRP ₹132 ଡେଣିକି ଆମ ମୂଲ୍ୟ ₹88 ଡେଣିକି
50% ଛାଡ଼
ବେସନ/ ମଇଦା/ ସୁଜି / ଦଳିଆ 500 g / 1 kg
50% ଛାଡ଼
+ଅତିରିକ୍ତ10% କ୍ୟାସ୍‌ବ୍ୟାକ୍*
MRP ₹40 ଡେଣିକି ଆମ ମୂଲ୍ୟ ₹20 ଡେଣିକି
ମେନ୍ସ ଆଣ୍ଡ ଓମେନ୍ସ ଡିଓ 135 ml ଡେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ)
50% ଛାଡ଼
+ଅତିରିକ୍ତ10% କ୍ୟାସ୍‌ବ୍ୟାକ୍*
MRP ₹225 ଡେଣିକି ଆମ ମୂଲ୍ୟ ₹113 ଡେଣିକି
ଡଭ୍ / ହେଡ୍ ଆଣ୍ଡ ଶୋଲ୍ଡର୍ସ / ଲୋରିଅଲ୍ / ଟ୍ରେସମି / ପ୍ୟାଣ୍ଟିନ ଶାମ୍ପୁ 580 ml ଡେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ)
50% ଛାଡ଼
+ଅତିରିକ୍ତ10% କ୍ୟାସ୍‌ବ୍ୟାକ୍*
MRP ₹525 ଡେଣିକି ଆମ ମୂଲ୍ୟ ₹263 ଡେଣିକି
ପଲିସେଟ୍ ଷ୍ଟାର କଣ୍ଟେନର ସେଟ୍ ଅଫ୍ 3 (5ℓ, 7ℓ,10ℓ) (ବ୍ଲୁ, ବ୍ରାଉନ୍, ପିଙ୍କ୍)
50% ଛାଡ଼
+ଅତିରିକ୍ତ10% କ୍ୟାସ୍‌ବ୍ୟାକ୍*
MRP ₹499 ଆମ ମୂଲ୍ୟ ₹250
ଟାଟା ଟି ପ୍ରିମିଅମ୍ ଡଷ୍ଟ ଚା' 500 g
ସଞ୍ଚୟ ₹50
+ଅତିରିକ୍ତ10% କ୍ୟାସ୍‌ବ୍ୟାକ୍*
MRP ₹190 ଆମ ମୂଲ୍ୟ ₹140
କେଲୋଗ୍ସ କର୍ଣ୍ଣ ଫ୍ଲେକ୍ସ 1.2 kg
ସଞ୍ଚୟ ₹126
+ଅତିରିକ୍ତ10% କ୍ୟାସ୍‌ବ୍ୟାକ୍*
MRP ₹425 ଆମ ମୂଲ୍ୟ ₹299
ପ୍ରଭୁଜୀ ନମକୀନ୍ 350 g ଡେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ)
50% ଛାଡ଼
+ଅତିରିକ୍ତ10% କ୍ୟାସ୍‌ବ୍ୟାକ୍*
MRP ₹130 ଡେଣିକି ଆମ ମୂଲ୍ୟ ₹65 ଡେଣିକି
ଇଣ୍ଡିଆ ଗେଟ୍ ବାସମତି ରାଇସ୍ ରୋଜାନା 5 kg / ସଫୋଲା ଗୋଲ୍ଡ ଅଏଲ୍ 3 ℓ
ଆମ ମୂଲ୍ୟ ₹749
+ଅତିରିକ୍ତ10% କ୍ୟାସ୍‌ବ୍ୟାକ୍*
କମ୍ବୋ MRP ₹1125 ସଞ୍ଚୟ ₹376
ଗୁଡ୍ ଲାଇଫ୍ ଆଲମଣ୍ଡ / କ୍ୟାଶ୍ୟୁ (W320) 500 g
ଆମ ମୂଲ୍ୟ ₹329 / ₹399
+ଅତିରିକ୍ତ10% କ୍ୟାସ୍‌ବ୍ୟାକ୍*
MRP ₹549 ଡେଣିକି / ₹499 ସଞ୍ଚୟ ₹220 ଡେଣିକି / ₹100
ଚକି ଅଟା 5 kg
ଆମ ମୂଲ୍ୟ ₹139
+ଅତିରିକ୍ତ10% କ୍ୟାସ୍‌ବ୍ୟାକ୍*
MRP ₹180 ସଞ୍ଚୟ ₹41
ଉତ୍କଳ କାସ୍ପର ଏଚ୍ଏମ୍‌ଟି ରାଇସ୍ 10 kg
ଆମ ମୂଲ୍ୟ ₹465 (₹46.5 /kg)
+ଅତିରିକ୍ତ10% କ୍ୟାସ୍‌ବ୍ୟାକ୍*
MRP ₹625 ସଞ୍ଚୟ ₹160
ଡାଲଡା କଚୀ ଘାନୀ ସୋରିଷ ତେଲ 1 ℓ
ଆମ ମୂଲ୍ୟ ₹165
+ଅତିରିକ୍ତ10% କ୍ୟାସ୍‌ବ୍ୟାକ୍*
MRP ₹220 ସଞ୍ଚୟ ₹55
ଚିପ୍ସ, ୟଗହର୍ଟ, ମାର୍ଗାରିନ୍, କପ କର୍ଡ, ମିଲ୍କ ଡ୍ରିଙ୍କ୍ସ, ପନିର, କେକ୍ ଓ ରସ୍କ (ନିର୍ଦ୍ଦିଷ୍ଟ ରେଞ୍ଜ)
ସର୍ବନ୍ୟୁନ 26%* ଛାଡ଼
+ଅତିରିକ୍ତ10% କ୍ୟାସ୍‌ବ୍ୟାକ୍*
*MRP ଉପରେ
ଓମ୍ଫେଡ୍ ଘିଅ 1 ℓ
ଆମ ମୂଲ୍ୟ ₹569
+ଅତିରିକ୍ତ10% କ୍ୟାସ୍‌ବ୍ୟାକ୍*
MRP ₹605 ସଞ୍ଚୟ ₹36
ହ୍ୟାଣ୍ଡୱାଶ୍ 750 ml (ନିର୍ଦ୍ଦିଷ୍ଟ ରେଞ୍ଜ) (ରିଫେଲ୍ ପ୍ୟାକ୍)
BUY 1 GET 1 FREE
+ଅତିରିକ୍ତ10% କ୍ୟାସ୍‌ବ୍ୟାକ୍*
MRP ₹189 ଡେଣିକି
ଟାଇଡ୍ ପ୍ଲସ୍ / ସର୍ଫ ଏକ୍ସେଲ ଇଜୀ ୱାଶ୍ 5 kg/ସର୍ଫ ଏକ୍ସେଲ ମେଟିକ୍ 4+2 kg / ଏରିଅଲ୍ ମେଟିକ୍ 4 + 2 kg ଫ୍ରୀ (ଟପ୍/ ଫ୍ରଣ୍ଟ ଲୋଡ୍) (ନିର୍ଦ୍ଦିଷ୍ଟ ରେଞ୍ଜ)
30% ଛାଡ଼
+ଅତିରିକ୍ତ10% କ୍ୟାସ୍‌ବ୍ୟାକ୍*
MRP ₹530 ଡେଣିକି ଆମ ମୂଲ୍ୟ ₹371 ଡେଣିକି
ଅବିଶ୍ୱସନୀୟ ଅଫର୍ସ + ପାଆନ୍ତୁ ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍!*
JioMart ମହା କ୍ୟାସ୍‌ବ୍ୟାକ୍
10% EXTRA CASHBACK*
SBI card
#Min. Trxn: ₹1,000; Max. Cashback: ₹500 per card account. Validity: 22 Jan - 26 Jan 2022. T&C Apply.
*JioMart ମହା କ୍ୟାସ୍‌ବ୍ୟାକ୍ ସର୍ତ୍ତ ଓ ନିୟମାବଳୀ - କ୍ୟାସ୍‌ବ୍ୟାକ୍ 200 ରୁ ଅଧିକ ମୂଲ୍ୟର ବିଲ୍ ମୂଲ୍ୟ ସହିତ ସେଭ୍‌କୋଇନ୍ ଉପରେ ... ସର୍ବାଧିକ 200 ଟଙ୍କା କ୍ୟାସ୍‌ବ୍ୟାକ୍ ସୀମା ... ଟ. 200 ... ସର୍ବାଧିକ 20% ... www.jiomart.com ... ସମସ୍ତ ଅଫର୍ 26 ଜାନୁଆରୀ 2021 ପର୍ଯ୍ୟନ୍ତ ବୈଧ ଅଟେ ।

# ପିଲାଙ୍କ ଭିତରେ ବକ୍ସିଂ ପ୍ରତିଭା ଜାଗ୍ରତ ଲକ୍ଷ୍ୟ

*ପିଲାଙ୍କ ଭବିଷ୍ୟତ କଥା ଉଠିଲେ ଅଭିଭାବକମାନେ ସବୁବେଳେ ଶିକ୍ଷାକୁ ପ୍ରଥମ ବିକଳ୍ପ ଭାବେ ଦେଖନ୍ତି। କାଁ ଭାଁ କିଛି ଅଭିଭାବକ ନିଜ ପିଲାଙ୍କ ଭବିଷ୍ୟତ କ୍ରୀଡ଼ାକ୍ଷେତ୍ରରେ ଦେଖିବାକୁ ପସନ୍ଦ କରିଥାନ୍ତି। ହେଲେ କ୍ରୀଡ଼ା କ୍ଷେତ୍ରରେ ଥିବା ଦୁର୍ବଳ ଭିତ୍ତିଭୂମି ଓ ଅନିଶ୍ଚିତତା ଅନେକ ସମୟରେ ପିଲାଙ୍କ ଦକ୍ଷତାକୁ ସଙ୍କୁଚିତ କରିଥାଏ। ଏଭଳି ସ୍ଥିତିରେ କିଛି ଲୋକ ଅଛନ୍ତି, ଯେଉଁମାନେ ସେମାନଙ୍କ ପ୍ରଚେଷ୍ଟା ବଳରେ ପିଲାଙ୍କ କ୍ରୀଡ଼ା ଦକ୍ଷତାକୁ ପରିସ୍ଫୁଟିତ କରିବା ପ୍ରଚେଷ୍ଟା ଜାରି ରଖିଛନ୍ତି।*


ସୁଦର୍ଶନ ସାହୁ ବକ୍ସିଂ ପ୍ରଶିକ୍ଷଣ ଦେଉଛନ୍ତି।

■ ବସ୍ତି ପିଲାଙ୍କୁ ମାଗଣା ପ୍ରଶିକ୍ଷଣ ଦେଉଛନ୍ତି ସୁଦର୍ଶନ
■ ୫୦୦ରୁ ଊର୍ଦ୍ଧ୍ୱ ପିଲା ନେଲେଣି ପ୍ରଶିକ୍ଷଣ

**ପୁରୀ ଅଫିସ,୨୧।୧**

ପୁରୀ ସହରରେ ଏକ ବେସରକାରୀ କ୍ରୀଡ଼ା ଅନୁଷ୍ଠାନ ରହିଛି, ଯାହାକି ବକ୍ସିଂ ଖେଳୁଥିବା ପ୍ରତିଭାଙ୍କ ପାଇଁ ଏକ ସୁଯୋଗ ସୃଷ୍ଟି କରିଛି। ୨୦୧୧-୧୨ରେ ପ୍ରଶିକ୍ଷକ ସୁଦର୍ଶନ ସାହୁଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପୁରୀ ବକ୍ସିଂ ଏକାଡେମୀରେ ବିଭିନ୍ନ ବର୍ଗର ପିଲାଙ୍କୁ ମାଗଣା ବକ୍ସିଂ ଶିକ୍ଷା ଦିଆଯାଉଛି। ବିଶେଷକରି ଆର୍ଥିକ ଅନଟନ ଯୋଗୁ ପାଠ ଛାଡ଼ି ସାରିଥିବା ପିଲାଙ୍କ ମଧ୍ୟରେ ପ୍ରତିଭା ଚୟନ କରିବାର ଦାୟିତ୍ୱ ମୁଣ୍ଡାଇଛନ୍ତି ଏକାଡେମୀର ମୁଖ୍ୟ କୋଚ୍ ସୁଦର୍ଶନ। ପୁରୀ ସହରର ଅନେକ ବସ୍ତି ଓ ସାହି ଗଳିକନ୍ଦିରେ ପିଲାଙ୍କୁ ଚୟନ କରି ବକ୍ସିଂ ଖେଳିବା ପାଇଁ ସେ ପ୍ରୋତ୍ସାହିତ କରୁଛନ୍ତି। ଗ୍ଲୋବ୍ସ, ପ୍ୟାଡ୍ ଭଳି ଉପକରଣର ସମସ୍ତ ଖର୍ଚ୍ଚ ସେ ନିଜେ ବହନ କରୁଛନ୍ତି। ଅତ୍ୟାଧୁନିକ ଉପକରଣ ନ ଥାଇ ପୁରୀ ଇନ୍‌ଡୋର୍ ଷ୍ଟାଡିୟମ୍ ମଧ୍ୟରେ ପିଲାଙ୍କୁ ଏହି କ୍ରୀଡ଼ାର ତାଲିମ ଦିଆଯାଉଛି। ପାଠପଢ଼ା ଛାଡ଼ି ସାରିଥିବା ଅନେକ ପିଲା ବକ୍ସିଂକୁ ଏବେ ସେମାନଙ୍କ ଜୀବନର ବ୍ରତ ଭାବେ ଗ୍ରହଣ କରିସାରିଲେଣି। ସୁଦର୍ଶନ ସାର୍ ଯେଉଁ ସ୍ୱପ୍ନ ଦେଖାଇଛନ୍ତି, ତାହା ଜୀବନକୁ ଏକ ନୂଆ ଦିଶା ଦେବ ଓ ବକ୍ସିଂର ମାନ୍ୟତା ଦେବ, ସେହି ଆଶା ନେଇ ମନପ୍ରାଣ ଲଗାଇ ବକ୍ସିଂ ଅଭ୍ୟାସ କରୁଛନ୍ତି ୫୦ରୁ ଊର୍ଦ୍ଧ୍ୱ ବକ୍ସର।

ସୁଦର୍ଶନଙ୍କ ମତରେ ବକ୍ସିଂ ଆର୍ଥିକ ସ୍ୱଚ୍ଛଳତା ଥିବା ପିଲାଙ୍କ କ୍ରୀଡ଼ା ଭାବେ ଜଣାଶୁଣା। ଏଥିପାଇଁ ଅନେକ ପ୍ରତିଭା ଲୋକଲୋଚନକୁ ଆସିବା ପୂର୍ବରୁ ହିଁ ନଷ୍ଟ ହୋଇ ଯାଉଛନ୍ତି। ପୁରୀ ସହରର ପିଲାଙ୍କୁ ତାଲିମ ଦେଇ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ପ୍ରତିନିଧିତ୍ୱ କରାଯାଇପାରିବ। ଏହା ଆଦୌ କଷ୍ଟକର ନୁହେଁ। ପିଲାଙ୍କ ଭିତରେ ବକ୍ସିଂକୁ ନେଇ ଉନ୍ମାଦନା ଭରି ରହିଛି। ମାତ୍ର ଅଭାବ ହେଉଛି କେବଳ ସରକାରୀ ପ୍ରୋତ୍ସାହନ। ବେସରକାରୀ ଅନୁଷ୍ଠାନ ଭାବେ ଆମେ ଆମର ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଛୁ। ଅଲ୍ ଇଣ୍ଡିଆ ଓପନ୍ ସବଜୁନିୟର୍ସ, ଖେଲୋ ଇଣ୍ଡିଆ, ସ୍କୁଲ ବକ୍ସିଂରେ ନ୍ୟାଶନାଲ ଓ ଅଲ୍ ଇଣ୍ଡିଆ ଓପନ୍ ବକ୍ସିଂରେ ଆମ ଏକାଡେମୀର ପିଲାମାନେ ସଫଳତା ପାଇସାରିଛନ୍ତି। ଏହି ସଫଳତା ପିଲାଙ୍କ ଦକ୍ଷତା ଓ ପାରିବାପଣିଆକୁ ପ୍ରମାଣିତ କରୁଛି। ପିଲାମାନେ ସୁଷମ ଖାଦ୍ୟ ଖାଇବେ, ହଷ୍ଟେଲରେ ରହିବେ ଓ ବକ୍ସିଂ କରିବେ। ସରକାର ଏହି ଦିଗରେ ଧ୍ୟାନ ଦେଲେ ବିଶ୍ୱର ଟାଣୁଆ ବକ୍ସର ପୁରୀ ମାଟିରୁ ତିଆରି ହେବେ। ସେହିଭଳି ପିଲାଙ୍କ ତାଲିମ ସମ୍ପର୍କରେ ସୁଦର୍ଶନ କହିଛନ୍ତି, ସ୍ପ୍ରିଂ, ୱେଟ୍ ଟ୍ରେନିଂ, ପଞ୍ଚିଂ ଭଳି ଅଭ୍ୟାସ ନିୟମିତ କରାଯାଉଥିବା ବେଳେ ଅନ୍ୟ ଶାରୀରିକ ଅଭ୍ୟାସ ମଧ୍ୟ କରାଯାଉଛି। ସ୍ୱର୍ଣ୍ଣଲତା ଛୁଆଲସିଂ ନାମକ ଜଣେ ମହିଳା କୋଚ୍ ମଧ୍ୟ ନିଯୁକ୍ତ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ୫ଶହରୁ ଊର୍ଦ୍ଧ୍ୱ ପିଲାଙ୍କୁ ବକ୍ସିଂ ଶିକ୍ଷା ପ୍ରଦାନ କରାଇସାରିଛୁ। ଏମାନଙ୍କ ମଧ୍ୟରୁ ଅତି କମ୍‌ରେ ୫ଜଣ ପ୍ରତିବର୍ଷ ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରୁଛନ୍ତି। ଅକ୍ଷୟ ନାୟକ ଅଲ୍ ଇଣ୍ଡିଆ ଓପନ୍ ସବ୍‌ଜୁନିୟରରେ, ସୁବ୍ରତ ପ୍ରଧାନ ସ୍କୁଲ୍ ନ୍ୟାଶନାଲରେ, ସ୍ମାରକ ରଞ୍ଜନ ସାହୁ ଖେଲୋ ଇଣ୍ଡିଆ ଓ ଅଲ୍ ଇଣ୍ଡିଆ ଓପନ୍ ବକ୍ସିଂରେ ମେଡାଲ୍ ପାଇଛନ୍ତି। ଏଭଳି ଅନେକ ପ୍ରତିଭା ପଛରେ ଆମେ ଦୌଡ଼ୁଛୁ। ସେହିଭଳି ବସ୍ତି ଅଞ୍ଚଳରୁ ଆସୁଥିବା ପିଲାଙ୍କୁ ପ୍ରଥମେ ପ୍ରୋତ୍ସାହିତ କରି ବକ୍ସିଂ ପାଇଁ ଆଣିଥାଉ। ପରେ ସେମାନଙ୍କ ବକ୍ସିଂରେ ମନ ଲାଗିଯିବା ପରେ ସ୍କୁଲ ଯିବା ପାଇଁ ବାଧ୍ୟ କରିଥାଉ। ସ୍କୁଲ ନ ଗଲେ ବକ୍ସିଂ ତାଲିମ ମଧ୍ୟ ଦିଆଯିବ ନାହିଁ ବୋଲି କୁହାଯାଏ। ପରେ ବାଧ୍ୟ ହୋଇ ପିଲାମାନେ ସ୍କୁଲକୁ ଫେରନ୍ତି ଓ ପାଠ ପଢ଼ନ୍ତି। ଏସବୁରେ ବହୁ ଆତ୍ମସନ୍ତୋଷ ମିଳେ ବୋଲି ସୁଦର୍ଶନ କହିଛନ୍ତି। ଗୁହାହାଟୀ ସିଲଂର ନ୍ୟାଶନାଲ୍ ବକ୍ସିଂ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଅକ୍ଷୟ ନାୟକ କହିଛନ୍ତି ଯେ, ହରିଜନ ବସ୍ତିରୁ ବାହାରି ସ୍ୱର୍ଣ୍ଣପଦକ ଜିତିବା ଛୋଟ କଥା ନୁହେଁ। ଏଭଳି ସଫଳତା ପାଇବା ମୋ ସ୍ୱପ୍ନ ବାହାରେ ଥିଲା। ସୁଦର୍ଶନ ସାର୍‌ଙ୍କ ପ୍ରୟାସରେ ଦିନେ ବସ୍ତିରୁ ବାହାରି ଆସି ଏଇଠି କୋଚିଂ ଆରମ୍ଭ କଲି। ପରେ ପଢ଼ିବା ପାଇଁ ମଧ୍ୟ ପ୍ରେରଣା ମିଳିଲା। ଯାହା ପାଇଛି ସବୁ ଏହି ଏକାଡେମୀର ଅବଦାନ।

## ସଂକ୍ଷେପରେ

### କମିଶନରେଟ ପୋଲିସର 'ହସ୍ତାନ୍ତର ମେଳା'

**୩୨ ମୋବାଇଲ ଫେରାଇଲା ପୋଲିସ**

**ଭୁବନେଶ୍ୱର,୨୧।୧(ବ୍ୟୁରୋ):** ଡିସିପି ଅଫିସରେ ଶୁକ୍ରବାର 'ହସ୍ତାନ୍ତର ମେଳା' କରାଯାଇ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାର ଖଣ୍ଡଗିରି, ଶହୀଦନଗର, ଭରତପୁର ଓ ତମାଣ୍ଡୋ ଥାନା ଅଞ୍ଚଳରେ ଚୋରି ହୋଇଥିବା ୩୨ଟି ମୋବାଇଲକୁ ୩୨ ମାଲିକଙ୍କୁ ଫେରାଇ ଦିଆଯାଇଛି। କାର୍ଯ୍ୟକ୍ରମରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ସମେତ ଅତିରିକ୍ତ ପୋଲିସ କମିଶନର ନିତିଶେଖର, ଡିସିପି ଉମାଶଙ୍କର ଦାଶ ଉପସ୍ଥିତ ଥିଲେ। ତେବେ ୧୫ ଦିନ ମଧ୍ୟରେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଚୋରି ହୋଇଥିବା ୮୫ଟି ମୋବାଇଲ, ୬ଟି ଲାପଟପକୁ ସେମାନଙ୍କ ମାଲିକଙ୍କୁ ଫେରାଇ ଦିଆଯାଇଛି। ଡିସିପି ଅଫିସ୍‌ର ପିଓପିଡି ଟିମ୍, ଟିମ୍-୬୦ ଏବଂ ଥାନାର ତଦନ୍ତକାରୀ ଅଫିସରଙ୍କ ମିଳିତ ପ୍ରଚେଷ୍ଟାରେ ତଦନ୍ତ କରାଯାଇ ବିଭିନ୍ନ ସାମଗ୍ରୀ ଜବତ କରାଯାଇ ଜନସାଧାରଣଙ୍କୁ ଫେରସ୍ତ କରାଯାଉଥିବା କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।

### ମହିଳା ଫାଇନାନ୍ସ କର୍ମଚାରୀଙ୍କୁ ଆକ୍ରମଣ

**ସ୍କୁଟି ସହ ୬୦ହଜାର ଟଙ୍କା ନେଇଗଲେ**

**ଖୋର୍ଦ୍ଧା ଅଫିସ,୨୧।୧:** ଖୋର୍ଦ୍ଧା ସଦର ଥାନା ଅଞ୍ଚଳରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଏହି ଥାନା ଅନ୍ତର୍ଗତ ଗୁଡୁମ ଛକରେ ଶୁକ୍ରବାର ମଧ୍ୟାହ୍ନରେ ଜଣେ ମହିଳାଙ୍କୁ କେତେଜଣ ଦୁର୍ବୃତ୍ତ ମାରଣାସ୍ତ୍ରରେ ଆକ୍ରମଣ କରି ସ୍କୁଟି ସହ ୬୦ହଜାର ଟଙ୍କା ଲୁଟି ନେଇଛନ୍ତି। ସମ୍ପୃକ୍ତ ମହିଳା ଖୋର୍ଦ୍ଧାର ଏକ ଘରୋଇ ଫାଇନାନ୍ସ ସଂସ୍ଥାରେ କାର୍ଯ୍ୟ କରୁଥିବା ଜଣାପଡିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ସେ ଘରକୁ ଫେରିଛନ୍ତି। ତେବେ ଦୁର୍ବୃତ୍ତମାନେ ବ୍ୟବହାର କରୁଥିବା ନମ୍ବର ବିହୀନ ବାଇକ୍ ଘଟଣାସ୍ଥଳରେ ଛାଡି ପଳାଇଛନ୍ତି। ଖବରପାଇ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।


ନେତାଜୀ ଜୟନ୍ତୀ ଉପଲକ୍ଷେ କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ଆଲୋକମାଳାରେ ସଜା ଯାଇଛି।

## ପ୍ରଦର୍ଶିତ ହେବ ନେତାଜୀଙ୍କ ଜୀବନୀ ଆଧାରିତ ପ୍ରତିକୃତି

■ ଆଲୋକରେ ଝଲସୁଛି ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ
■ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହିବ ସଂଗ୍ରହାଳୟ

**କଟକ ଅଫିସ, ୨୧।୧**

ଆସନ୍ତା ୨୩ ତାରିଖରେ ନେତାଜୀ ସୁଭାସ ଚନ୍ଦ୍ର ବୋଷଙ୍କ ୧୨୫ ତମ ଜୟନ୍ତୀ ପାଳନ କରାଯିବ। ଏଥିପାଇଁ କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ନେତାଜୀ ଜୟନ୍ତୀକୁ କୋଭିଡ କଟକଣା ମଧ୍ୟରେ ନିରାଡମ୍ବରେ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଚଳିତବର୍ଷ ସଂଗ୍ରହାଳୟକୁ ରଙ୍ଗବେରଙ୍ଗର ଆଲୋକ ସହ ବିଭିନ୍ନ ଫୁଲରେ ସଜ୍ଜିତ କରାଯାଇଛି। ଫଳରେ ଆସନ୍ତା ରବିବାର ରାତି ୯ଟା ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ସଂଗ୍ରହାଳୟ ଖୋଲା ରହିବ ବୋଲି ସଂଗ୍ରହାଳୟର ତତ୍ତ୍ୱାବଧାରକ ଜଲେନ୍ଦ୍ର ପ୍ରସାଦ ରାୟ ସୂଚନା ଦେଇଛନ୍ତି। ଉକ୍ତ ଦିନ ପୂର୍ବାହ୍ନ ସାଢେ ୧୦ଟାରେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ମଧୁସୂଦନ ପାଢୀ, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତିବର୍ଷ ନେତାଜୀ ଜୟନ୍ତୀ ଅବସରରେ ସଂଗ୍ରହାଳୟରେ ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ କରାଯାଇଥାଏ। ହେଲେ ଚଳିତବର୍ଷ ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମୃର୍ତ୍ତିକା ଶିଳ୍ପୀଙ୍କୁ ନେଇ ଭାସ୍କର୍ଯ୍ୟ ଶିବିର କରାଯାଇଛି। ଏଥିରେ ସହରର ୧୫ ଜଣ ଶିଳ୍ପୀ ନେତାଜୀଙ୍କ ଜୀବନୀ ଉପରେ ଆଧାରିତ ଭିନ୍ନ ପ୍ରତିକୃତି ତିଆରି କରିଛନ୍ତି। ସେଗୁଡିକ ନେତାଜୀ ଜୟନ୍ତୀରେ ପ୍ରଦର୍ଶିତ ହେବ। ଏଭଳି କାର୍ଯ୍ୟ ପ୍ରଥମଥର କରାଯାଉଛି। ଏଥିରେ କଟକର ଶିଳ୍ପୀମାନଙ୍କୁ ସାମିଲ କାରଯାଇଥିବାରୁ ଗୌରବ ଅନୁଭବ କରୁଛି ବୋଲି ଶିଳ୍ପୀ କେଦାରନାଥ ବେହେରା କହିଛନ୍ତି।

## ଅଭିଯୁକ୍ତଙ୍କୁ ୧୪ ବର୍ଷ ଜେଲ, ଜରିମାନା

**ନାବାଳିକା ବଳାତ୍କାର ମାମଲା**

**କଟକ ଅଫିସ,୨୧।୧**

ନାବାଳିକା ଅପହରଣ ଓ ବଳାତ୍କାର ମାମଲାରେ କଟକ ପୋକ୍‌ସୋ କୋର୍ଟ ଅଭିଯୁକ୍ତ ଆଲୋକ ଦେହୁରୀଙ୍କୁ ୧୪ ବର୍ଷ ଜେଲଦଣ୍ଡ ସହ ୧୦,୦୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ। ଏଥିସହ ପୀଡିତାଙ୍କୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ କଟକ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ୨୦୧୬ ଫେବୃୟାରୀ ୧୨ ତାରିଖରେ କଟକ ଜିଲା ବଡମ୍ବା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଆଲୋକ ଅପହରଣ କରି ନେଇ ବଳାତ୍କାର କରିଥିଲେ। ଏ ନେଇ ନାବାଳିକାଙ୍କ ବାପା ବଡମ୍ବା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ସମସ୍ତ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ କୋର୍ଟ ଅଭିଯୁକ୍ତଙ୍କୁ ଦଣ୍ଡିତ କରିଛନ୍ତି। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ଓଡ଼ିଆ ଅଞ୍ଚଳର ରେଳ ଷ୍ଟେଶନରେ ନାମଫଳକ ଓ ଘୋଷଣାନାମା ଓଡ଼ିଆ ଭାଷାରେ ହେଉ

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**

ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ଅନୁରୋଧକ୍ରମେ ଅବିଭକ୍ତ ସିଂହଭୂମିର ଏକ ଓଡ଼ିଆ ପ୍ରତିନିଧି ଦଳ ଚକ୍ରଧରପୁରସ୍ଥିତ ରେଳ ଡିଭିଜନ ମ୍ୟାନେଜରଙ୍କୁ ସାକ୍ଷାତ କରିଛନ୍ତି। ରାଉରକେଲାଠାରୁ ଟାଟା ପର୍ଯ୍ୟନ୍ତ ଉତ୍କଳ ଏକ୍ସପ୍ରେସ ଓ ଅନ୍ୟାନ୍ୟ ଟ୍ରେନ ଯାତାୟତ କରୁଥିବା ସମସ୍ତ ରେଳଷ୍ଟେଶନର ଫଳକ ଓ ଘୋଷଣାନାମା ଓଡ଼ିଆ ଭାଷାର ପ୍ରଚଳନ କରିବା ପାଇଁ ଲିଖିତ ଅନୁରୋଧ କରିଛନ୍ତି। ସେହିପରି ଲକ୍ଷ୍ମଣନାଥଠାରୁ ମେଦିନୀପୁର ଷ୍ଟେଶନ ଯାଏ ଭାୟା ଖଡ଼ଗପୁର ଦେଇ ଯାଇଥିବା ସମସ୍ତ ରେଳ ଷ୍ଟେଶନରେ ନାମଫଳକ ଓ ଘୋଷଣାନାମା ଓଡ଼ିଆରେ କରିବା ପାଇଁ ଉତ୍କଳ ସମ୍ମିଳନୀ ଜଳେଶ୍ୱର, ବାଲିଆପାଳ, ଭୋଗରାଇ ଯୁବମେଦିନୀପୁର, ପଶ୍ଚିମ ମେଦିନୀପୁର ଶାଖା ପକ୍ଷରୁ କେନ୍ଦ୍ର ରେଳମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ତଥା ଖଡ଼ଗପୁର ରେଳ ଡିଭିଜନ ମ୍ୟାନେଜରଙ୍କୁ ଚିଠି ଲେଖାଯାଇଛି। ଏ ନେଇ କେନ୍ଦ୍ରୀୟ କମିଟିର ସଭାପତି ପ୍ରଫେସର ଅଦ୍ୱୈତ କୁମାର ପାତ୍ର, ସାଧାରଣ ସମ୍ପାଦକ ଅନନ୍ତ ପ୍ରସାଦ ଯେନା ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

## ୩ ମହଲା କୋଠାରୁ ଖସି ଶ୍ରମିକ ମୃତ

**ସାଲେପୁର,୨୧।୧(ଡି. ଏନ.ଏ)**

ସାଲେପୁର ଥାନା ସରସତୀ ଶିଶୁମନ୍ଦିର ରୋଡରେ ଥିବା ଏକ ୩ ମହଲା କୋଠାରୁ ଖସି ଶୁକ୍ରବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କିଶନନଗର ଥାନା ମୁର୍କୁଣ୍ଡି ଗ୍ରାମର କାଳନ୍ଦୀ ମହାରଣା (୪୮)। ସେ ଉକ୍ତ କୋଠାଘରର ଉପର ମହଲାରେ ନିର୍ମାଣ କାର୍ଯ୍ୟ କରୁଥିଲେ। କୌଣସି କାରଣରୁ ତଳକୁ ଖସିପଡ଼ି ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ କାଳନ୍ଦୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ କିଶନନଗର ପୋଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା (ନଂ. ୧/୨୨)ରୁଜୁ କରିଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ତପୁ


@ ରାଜା


@ ସତ୍ୟବ୍ରତ


@ ଆଜାଦ୍


@ ଆଶୁ


@ ମୁସ୍କାନ

## ସୂର୍ଯ୍ୟ ନମସ୍କାରରେ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି

**କଟକ ଅଫିସ, ୨୧।୧**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ସପ୍ତାହ ପାଳନ ଅବସରରେ କଟକ ବାରବାଟୀ ଷ୍ଟାଡିୟମଠାରେ ସାମୂହିକ ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପତଞ୍ଜଳି ଯୋଗପୀଠ ପରିବାର କଟକ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତ ସ୍ୱାଭିମାନର ଓଡ଼ିଶା ପ୍ରଦେଶ ପ୍ରଭାରୀ ସୁଧାଂଶୁ ଶେଖର ଅଧିକାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ସ୍ୱାଧୀନତା ସଂଗ୍ରାମରେ ନେତାଜୀଙ୍କ ଅବଦାନ ଅତୁଳନୀୟ। ଦେଶରେ ୭୫ତମ ସ୍ୱାଧୀନତା ଦିବସକୁ ଅମୃତ ମହୋତ୍ସବ ଭାବେ ପାଳନ କରାଯାଉଛି। ଏହି ଅବସରରେ କଟକ ଜିଲା ପତଞ୍ଜଳି ଯୋଗ ପରିବାର ପକ୍ଷରୁ ସୂର୍ଯ୍ୟ ନମସ୍କାର ମାଧ୍ୟମରେ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି ବୋଲି ଅଧିକାରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ପତଞ୍ଜଳି ଯୋଗ ସମିତି ସହପ୍ରଭାରୀ ପୃଥ୍ୱୀରାଜ ପ୍ରଧାନ, ରାଜ୍ୟ କାର୍ଯ୍ୟାଳୟ ପ୍ରଭାରୀ ସୂର୍ଯ୍ୟକାନ୍ତ ମହାନ୍ତି, ଜିଲା ପ୍ରଭାରୀ ସୁନୀଲ ଶର୍ମା, ନିମାଁଇ ଚରଣ ଜେନା, ସ୍ୱରୁପ ସାହୁ, ଅବିନାଶ କେଡ଼ିଆ, ଆଶିଷ ହଳଧର, କୃତିବାସ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଶିଶିର କୁମାର ଜେନା ଧନ୍ୟବାଦ ଦେଇଥିଲେ।


ପୁରୀ-ବ୍ରହ୍ମଗିରି ରାସ୍ତାକଡ଼ରେ ଏକ ବିଲ ମଧ୍ୟରେ ଖାଦ୍ୟ ଅନ୍ୱେଷଣରେ ଆସିଥିବା ବିଦେଶୀ ପକ୍ଷୀ।


ପୁରୀର ସାମାଜିକ ଅନୁଷ୍ଠାନ ଉର୍ଜାବାନ ଓଡ଼ିଶା ପକ୍ଷରୁ ଶୁକ୍ରବାର ବିଶ୍ୱ ରେକର୍ଡଧାରୀ ହ୍ୱିଲ୍ ମାରାଥନର୍ କମଳାକାନ୍ତ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।


ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ସପ୍ତାହ ପାଳନ ଅବସରରେ ଶୁକ୍ରବାର ବାରବାଟୀ ଷ୍ଟାଡିୟମରେ ପତଞ୍ଜଳି ଯୋଗପୀଠ ପରିବାର କଟକ ପକ୍ଷରୁ ଅନୁଷ୍ଠିତ ସାମୂହିକ ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମରେ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି।

## ସଂକ୍ଷେପରେ

### ବାଲିଅନ୍ତା, ବାଲିପାଟଣାରେ ଧାନକିଣା ଆରମ୍ଭ

ବାଲିଅନ୍ତା/ ବାଲିପାଟଣା,୨୧।୧ (ଡି.ଏନ୍.ଏ.) : ଧାନର ଅଭାବୀ ବିକ୍ରିକୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ସମବାୟ ସମିତି ମାଧମରେ ଚାଷୀଙ୍କଠାରୁ ଧାନକିଣା ଆରମ୍ଭ ହୋଇଛି। କାକରୁଦ୍ରପୁର ଓ ପ୍ରତାପରୁଦ୍ରପୁର ସମିତିରେ ଧାନର ମାନକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପରେ ଏହାର ସମାଧାନ ହେବା ପରେ ଗୁରୁବାର ଧାନ କିଣାଯାଇଥିଲା। କାକରୁଦ୍ରପୁର ସମବାୟ ସମିତି ପକ୍ଷରୁ ୧୬ଜଣ ଚାଷୀଙ୍କଠାରୁ ୯୯୦.୩୭ କୁଇଣ୍ଟାଲ ଧାନ କିଣାଯାଇଥିବା ସମ୍ପାଦକ ହେମନ୍ତ ନାୟକ ସୂଚନା ଦେଇଛନ୍ତି। ଶୁକ୍ରବାର ବଇଁଚୁଆ ପଞ୍ଚାୟତର ଧାନମଣ୍ଡି ଖୋଲାଯାଇ ୯ ଚାଷୀଙ୍କଠାରୁ ଧାନକ୍ରୟ କରାଯାଇଥିବା ସମିତିର ସମ୍ପାଦକ ଦେବେନ୍ଦ୍ର କୁମାର ପୃଷ୍ଟି କହିଛନ୍ତି। ଧାନମଣ୍ଡିର ଶୁଭାରମ୍ଭ ଦିବସରେ ସିଏସ୍‌ଓ ଶୁଗୁଡ଼ା ମୁର୍ମୁ, ଏଆର୍‌ସିସି ସ୍ୱିପ୍ନା ଶତପଥୀ, ଏମ୍‌ଆଇ ଓ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ବାଲିପାଟଣା ବ୍ଲକ ଅନ୍ତର୍ଗତ ଗାରେଡ଼ିପାଞ୍ଚଣ ଓ ଗିରିଙ୍ଗ ସେବା ସମବାୟ ସମିତିରେ ଶୁକ୍ରବାର ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ପ୍ରଥମ ଦିନରେ ୩୯ଜଣ ଚାଷୀଙ୍କ ଠାରୁ ୬୮୩କୁଇଣ୍ଟାଲ ଧାନ କିଣା ହୋଇଥିବା ଜଣାପଡ଼ିଛି। ଡେପୁଟି ରେଜିଷ୍ଟ୍ରାର ଗାୟତ୍ରୀ ପଟ୍ଟନାୟକ, ବିଡିଓ ଆଦିକନ୍ଦ ବେହେରା, ଗାରେଡିପାଞ୍ଚଣ ସମିତି ସମ୍ପାଦକ ସୁଶୀଲ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏଫଂକ୍ୟୁ ଧାନର ସରକାରୀ ମୂଲ୍ୟ ୧୯୪୦ଟଙ୍କା ଦେଇ ଚାଷୀଙ୍କଠାରୁ ମିଲର କିଣିବେ ବୋଲି ଚିନ୍ମୟ ମହାନ୍ତି କହିଛନ୍ତି।

### ଜିଲାପରିଷଦ, ସରପଞ୍ଚ ପ୍ରାର୍ଥୀଙ୍କ ନାମାଙ୍କନ

ପୁରୁଣା ଭୁବନେଶ୍ୱର,୨୧।୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ୨୯ନଂ. ଜୋନ ପାଇଁ ଶୁକ୍ରବାର ଜିଲାପରିଷଦ ପ୍ରାର୍ଥୀଭାବେ ସୁବାଷ ସୁନ୍ଦରାୟ୍ ନାମାଙ୍କନ ଦାଖଲ କରିଛନ୍ତି। ତେବେ ନାମାଙ୍କନ ଦାଖଲ ବେଳେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଜେଡି ଖୋର୍ଦ୍ଧା ଜିଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟ୍. ମୁନା ଖାଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗୁରୁବାର ଇତିପୁର ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ ଭାବେ ନର୍ମଦା ଚନ୍ଦ୍ରମା ସାହୁ, ସମିତି ସଭ୍ୟ ପ୍ରାର୍ଥୀ ଭାବେ ସୁଜାତା ବରାଳ ନାମାଙ୍କନ ଦାଖଲ କରିଛନ୍ତି।

### ଅନ୍ତିମ ଦିନରେ ୧୪୬ ପ୍ରାର୍ଥିପତ୍ର ଦାଖଲ

ବାରଙ୍ଗ ,୨୧।୧(ଡି.ଏନ୍.ଏ.): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଶୁକ୍ରବାର ତଥା ଅନ୍ତିମ ଦିନରେ ବାରଙ୍ଗ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟ, ସରପଞ୍ଚ, ଓାର୍ଡସଭ୍ୟ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବାରଙ୍ଗ ବ୍ଲକର ଅନ୍ତିମ ଦିନରେ ସମିତସଭ୍ୟ ପ୍ରାର୍ଥୀ ୧୬ଜଣ, ସରପଞ୍ଚ ୨୬ଜଣ, ଓାର୍ଡ ସଭ୍ୟ ୧୦୪ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏଥିସହିତ ୫ଦିନ ମଧ୍ୟରେ ବାରଙ୍ଗ ବ୍ଲକର ୩୨, ୩୩ନମ୍ବର ଦୁଇଟି ଜୋନର ୧୬ଟି ପଞ୍ଚାୟତର ମୋଟ ସମିତି ସଭ୍ୟ ୬୪ଜଣ, ସରପଞ୍ଚ ୭୫ ଜଣ, ଓାର୍ଡ ସଭ୍ୟ ୪୦୭ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବା ବାରଙ୍ଗ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଭାକର ପଣ୍ଡା ସୂଚନା ଦେଇଛନ୍ତି।

### ସେବତୀ ଦେଈଙ୍କ ପରଲୋକ

ଭୁବନେଶ୍ୱର, ୨୧।୧(ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲା ଭାଗବତପୁର (ବାଲିଆ) ଅଞ୍ଚଳର ମହୀୟସୀ ମହିଳା ସେବତୀ ଦେଈଙ୍କର ପରଲୋକ ହୋଇଛି। ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା। ସେ ଜଣେ ଧର୍ମପରାୟଣା, ପରୋପକାରୀ ଓ ମେଳାପି ମହିଳା ଥିଲେ। କରୋନା କଟକଣା ଭିତରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ ପୁଅ ତଥା ଗୃହ ଓ ନଗର ଉନ୍ନୟନ ବିଭାଗର ଲୋକସମ୍ପର୍କ ଅଧିକାରୀ ପ୍ରଭାକର ସାହୁ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ସମୟରେ ତାଙ୍କ ପାଖରେ ୪ ପୁଅଙ୍କ ସମେତ ପୁତ୍ରବଧୂ ଓ ପ୍ରିୟଜନମାନେ ଉପସ୍ଥିତ ଥିଲେ।



ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ଲୋକଙ୍କ ପ୍ରବଳ ଗହଳି।



ଇଡ୍‌କଲ ଅଡିଟୋରିୟମରେ ୫୦% ଦର୍ଶକ ନିୟମକୁ ଉଲ୍ଲଂଘନ କରାଯାଉଛି।

# ସବୁଠି କଟକଣା ଉଲ୍ଲଂଘନ

ଭୁବନେଶ୍ୱର, ୨୧।୧ (ବ୍ୟୁରୋ)

କଟକଣା କଡ଼ା, ହେଲେ କାର୍ଯ୍ୟକାରୀ ଶୂନ। ପୋଲିସ, ପ୍ରଶାସନଠାରୁ ସାଧାରଣ ଜନତା ସମସ୍ତେ ଢିଲା। ଯେଉଁଥିପାଇଁ ସଂକ୍ରମଣ ଓ ସକ୍ରିୟ ଆକ୍ରାନ୍ତ ସଂଖ୍ୟାରେ ଦେଶର ୧୦ ରାଜ୍ୟ ମଧ୍ୟରେ ଓଡ଼ିଶା ରହିଛି। ତେବେ ରାଜଧାନୀ ଭୁବନେଶ୍ୱର ପାଇଁ ରାଜ୍ୟର ସ୍ଥିତି ବିଗିଡିବାରେ ଲାଗିଛି ବୋଲି କୁହାଯାଉଛି। ରାଜ୍ୟରେ ସଂକ୍ରମଣ କମିଥିଲେ ମଧ୍ୟ ଭୁବନେଶ୍ୱରରେ ସଂକ୍ରମଣର ହଟ୍‌ସ୍ପଟ୍ ପାଲଟିଛି। ଯେଉଁଠି ଦେଖିବ ସେଠି କରୋନା କଟକଣା ଓ ଗାଇଡ୍‌ଲାଇନ୍ ଉଲ୍ଲଂଘନ ହେଉଥିବା ଦେଖାଯାଉଛି। ରାସ୍ତାଘାଟ, ହାଟ, ବଜାରରେ ଅସମ୍ଭାଳ ଭିଡ଼ ହେଉଥିବାବେଳେ ହଲ୍, ମଲ୍, ପ୍ରେକ୍ଷାଳୟ, କାର୍ଯ୍ୟାଳୟରେ ବି ନିୟମ ଠିକ୍ ଭାବେ ପାଳନ ହେଉ ନାହିଁ। ସାମାଜିକ ଦୂରତା ଦୂରେ ଥାଉ, ଠିକ୍ ଭାବେ ମାସ୍କ ଓ ଅନ୍ୟାନ୍ୟ ନିର୍ଦ୍ଦେଶ ଉଲ୍ଲଂଘନ ହେଉଛି। ଦେଖିଲେ ଲାଗୁଛି କାହାର ଯେମିତି କରୋନାକୁ ଆଉ ଡର ନାହିଁ। ଭିଡ଼ ଭିତରେ ବି ବରିଷ୍ଠ ଓ ଛୋଟ ପିଲାଙ୍କୁ ଦେଖିବାକୁ ମିଳୁଛି। ଲୋକଙ୍କର ଏପରି ଖାମଖିଆଲ ମନୋଭାବ ପାଇଁ କରୋନା, ଓମିକ୍ରନ୍ ଭଳି ଭୂତାଣୁ ଦ୍ରୁତଗତିରେ ମାଡ଼ି ଚାଲିଛି।

ତୃତୀୟ ଲହର ସଂକ୍ରମଣ ବୃଦ୍ଧି ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସହର ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ କରିଛି। କମିଶନରେଟ ପୋଲିସ ମଧ୍ୟ କଡା ଆଭିମୁଖ୍ୟ ଗ୍ରହଣ କରୁଥିବା କହୁଛି। କିନ୍ତୁ ସହରର ପ୍ରତିଦିନର ବାସ୍ତବ ଚିତ୍ରକୁ ଦେଖିଲେ, କଟକଣା କରି

## ସଂକ୍ରମଣର ହଟ୍‌ସ୍ପଟ୍ ପାଲଟିଲାଣି ରାଜଧାନୀ

ପୋଲିସ ଓ ପ୍ରଶାସନ ପୂରା ଚୁପ୍ ବସିଛି। ସହରର ପ୍ରମୁଖ ସ୍ଥାନ ୟୁନିଟ୍-୧ ମାର୍କେ, ୟୁନିଟ୍-୨ ମାର୍କେଟ ବିଲ୍ଡିଂ, ୟୁନିଟ୍-୪ ମାର୍କେଟ, ବାପୁଜୀନଗର, ରାଜମହଲ, ରସୁଲଗଡ଼, ଆଚାର୍ଯ୍ୟବିହାର ଆଦି ସ୍ଥାନରେ ଲୋକଙ୍କ ଭିଡ଼ ଲାଗି ରହୁଛି।

ପ୍ରେକ୍ଷାଳୟରେ ମଧ୍ୟ ଗାଇଡ୍‌ଲାଇନକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ୫୦ ପ୍ରତିଶତ ଲୋକଙ୍କୁ ନେଇ ପ୍ରେକ୍ଷାଳୟରେ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିୟମ ରହିଛି। ପୁଣି ସିଟ୍ ଛାଡ଼ି ଅନ୍ୟ ସିଟ୍‌ରେ ଲୋକଙ୍କୁ ବସିବାର ବ୍ୟବସ୍ଥା କରିବାକୁ କୁହାଯାଇଛି। ପ୍ରେକ୍ଷାଳୟରେ ବସିଥିବା ସମସ୍ତେ ମାସ୍କ ପିନ୍ଧିବା ସହ କୋଭିଡ୍ ନିୟମ ପାଳନ କରିବାକୁ ନିର୍ଦ୍ଦେଶ ରହିଛି। ମାତ୍ର ଅଧିକାଂଶ ସ୍ଥାନରେ ସେପରି ହେଉନାହିଁ। ଗୁରୁବାର ଇଡ୍‌କଲ ଅଡିଟୋରିୟମ୍‌ଠାରେ ଚାଲିଥିବା ଏକ କାର୍ଯ୍ୟକ୍ରମରେ ଏଭଳି ଉଲ୍ଲଂଘନ ନଜରକୁ ଆସିଥିଲା। ପ୍ରେକ୍ଷାଳୟର ପୂରା ସିଟ୍ ଭର୍ତ୍ତି ଥିବାବେଳେ ବହୁ ଲୋକ ଛିଡା ହୋଇ କାର୍ଯ୍ୟକ୍ରମ ଦେଖୁଥିଲେ। ପୁଣି ଅଧିକାଂଶ ଲୋକଙ୍କ ମୁହଁରେ ମାସ୍କ ମଧ୍ୟ ନ ଥିଲା। ମେଟ୍ରୋ ସହରରେ ଚାଲୁଥିବା ମୋ ବସ୍ ଗୁଡିକରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳୁଛି। ବସ୍‌ରେ ଯେତିକି ସିଟ୍ ଅଛି ସେତିକି ଯାତ୍ରୀ ଯିବାର ନିୟମ ରହିଛି। ମାତ୍ର ବସ୍‌ଗୁଡିକରେ ଏକାଧିକ ଯାତ୍ରୀ ଠିଆ ହୋଇ ଯାତ୍ରା କରୁଛନ୍ତି। ମୋ ବସ୍‌ରେ ଯାତ୍ରା ଭଡ଼ା କମ୍ ରହୁଥିବାରୁ ସହର ମଧ୍ୟରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପାଇଁ ଅଟୋ ଅପେକ୍ଷା ଲୋକମାନେ ଏହାକୁ ଅଧିକ ପସନ୍ଦ କରୁଛନ୍ତି।

ଅପରପକ୍ଷେ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲବେଳେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ପ୍ରାର୍ଥୀମାନେ ଜଣେ ସମର୍ଥକଙ୍କୁ ନେଇ ପ୍ରାର୍ଥିପତ୍ର ଦାଖଲ ଓ ୫ଜଣ ସମର୍ଥକଙ୍କୁ ନେଇ ପ୍ରଚାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ପ୍ରାର୍ଥୀମାନେ ଏକାଧିକ ସମର୍ଥକଙ୍କ ଗହଣରେ ଶୋଭାଯାତ୍ରା କରି ନାମାଙ୍କନପତ୍ର ଦାଖଲ କରୁଥିବା ଦେଖାଯାଇଥିଲା। ତେବେ ଶୁକ୍ରବାର ଶେଷ ଦିନରେ ଭୁବନେଶ୍ୱର ଏଡିଏମ୍ ଅଫିସ ସହ ଅନ୍ୟ କେତେକ ସ୍ଥାନରେ କୋଭିଡ୍ କଟକଣା ଖୋଲାଖୋଲି ଉଲ୍ଲଂଘନ ହୋଇଥିଲା।

## ୧୫ଶହ ପାର୍ କଲା ଦୈନିକ ସଂକ୍ରମଣ



ଭୁବନେଶ୍ୱର, ୨୧।୧ (ବ୍ୟୁରୋ)

ସଂକ୍ରମଣରେ ଦୈନିକ ରେକର୍ଡ କରୁଛି ଭୁବନେଶ୍ୱର। ୨୪ ଘଣ୍ଟାରେ ୧୫ଶହ ଅତିକ୍ରମ କରିଛି ସଂକ୍ରମଣ। ଶୁକ୍ରବାର ସହରରୁ ସର୍ବାଧିକ ୧୫୦୨ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭୧ ଜଣ ସଂଗରୋଧରୁ ଥିବାବେଳେ ୧୪୩୧ଟି ସ୍ଥାନୀୟ ସଂକ୍ରମଣ ମାମଲା ରହିଛି। ଅନ୍ୟପଟେ ଦିନକରେ ୧୨୪୦ ଜଣ ସୁସ୍ଥ ହୋଇଛନ୍ତି। ବିଏମସି ସୂଚନା ଅନୁଯାୟୀ, ଚିହ୍ନଟ ହୋଇଥିବା ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଖଣ୍ଡଗିରିରୁ ସର୍ବାଧିକ ୧୬୩ ଜଣ, ପଟିଆରୁ ୧୩୭ ଜଣ, ନୟାପଲ୍ଲୀରୁ ୯୩ ଜଣ, ପୁରୁଣା ଭୁବନେଶ୍ୱରରୁ ୯୧ ଜଣ, ଜୟଦେବ ବିହାରରୁ ୫୩ଜଣ, ଶୈଳଶ୍ରୀ ବିହାରରୁ ୫୨ ଜଣ, ରସୁଲଗଡ଼ରୁ ୪୭ଜଣ, ପାତ୍ରପଡ଼ାରୁ ୩୭ ଜଣ, ବରମୁଣ୍ଡାରୁ ୩୫ଜଣ, ଝାରପଡ଼ାରୁ ୩୪ ଜଣ, ଟଙ୍କପାଣି ରୋଡ୍‌ରୁ ୩୩ଜଣ, ୟୁନିଟ୍-୬ ଓ ୟୁନିଟ୍-୮ରୁ ରୁ ୩୧ ଜଣ ଲେଖାଏ, ମଞ୍ଚେଶ୍ୱରରୁ ୩୦ ଜଣ ଚିହ୍ନଟ ହୋଇଛନ୍ତି। ସହରରୁ ବର୍ତ୍ତମାନ ପର୍ଯ୍ୟନ୍ତ ମୋଟ୍ ୧ ଲକ୍ଷ ୪୦ ହଜାର ୭୧୨ ଜଣ କରୋନା ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୨୮ ହଜାର ୬୪୪ଜଣ ସୁସ୍ଥ ହୋଇଥିବାବେଳେ ମୋଟ ୧୧୦୯ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୧୦ ହଜାର୯୩୮ଟି ସକ୍ରିୟ ମାମଲା ରହିଛି।



ଆଇଏନ୍‌ଏସ୍ ଚିଲିକାରେ ଶୁକ୍ରବାର ଅନୁଷ୍ଠିତ ଇଣ୍ଡିଆନ ନ୍ୟାଭି ଓ କୋଷ୍ଟ ଗାର୍ଡର ୦୨/୨୦୨୧ ବ୍ୟାଚ୍ ପାସିଂ ଆଉଟ୍ ପରେଡରେ ଗୋପାଳପୁରସ୍ଥିତ ଆର୍ମି ଏୟାର ଡିଫେନ୍ସ କଲେଜର ଏଭିଏସ୍‌ଏମ୍ କମାଣ୍ଡାଣ୍ଟ ଲୁଟ୍‌ନାଣ୍ଟ ଜେନେରାଲ ସତିନ୍ଦର ସିଂହ ଅଭିବାଦନ ଗ୍ରହଣ କରୁଛନ୍ତି।

## ଉଠାଦୋକାନୀ ସୁବାସ ପାଣ୍ଡେଙ୍କୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି

ଭୁବନେଶ୍ୱର, ୨୧।୧ (ବ୍ୟୁରୋ)

ଜୀବିକା ହରାଇବା ପରେ ଉଠା ଦୋକାନୀ ସୁବାସ ପାଣ୍ଡେ ବରଗଡ଼ ବ୍ରିଟ କଲୋନୀ ଭଡ଼ାଘରେ ବେକରେ ଲୁଗା ଲଗାଇ ଆତ୍ମହତ୍ୟା କରିଥିଲେ। ତାଙ୍କ ସ୍ମୃତିରେ ଶୁକ୍ରବାର ଆୟୋଜିତ ଏକ ସଭାରେ ଉଠାଦୋକାନୀ ମହାସଂଘ ପ୍ରତିଷ୍ଠାତା ସଭାପତି ପ୍ରତାପ କୁମାର ସାହୁ ଯୋଗଦେଇ ସୁବାସଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବା ସହ ତାଙ୍କର ଦୁଇଝିଅଙ୍କୁ ମାଗଣାରେ ଶିକ୍ଷା ପ୍ରଦାନ କରିବାକୁ ଦାବି କରିଛନ୍ତି। ମା' ତାରିଣୀ କ୍ଷୁଦ୍ର ବ୍ୟବସାୟୀ ସଂଘର ପ୍ରତିଷ୍ଠାତା ସଭାନେତ୍ରୀ ଗୀତା ବିଶ୍ୱାସ ତାଙ୍କ ପରିବାରକୁ ସ୍ମାର୍ଟସିଟିରେ ତିଆରି ହେଉଥିବା ଏକ ଦୋକାନ ପ୍ରଦାନ କରିବାକୁ କହିଛନ୍ତି। ଏଥିସହ ସୁବାସ ଏବଂ ଆତ୍ମହତ୍ୟା କରିଥିବା ମାର୍କେଟ ବିଲ୍ଡିଂର ଅନ୍ୟତମ ବ୍ୟବସାୟୀଙ୍କ ମୃତ୍ୟୁ ପାଇଁ ଦାୟୀ ବିଏମ୍‌ସି କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଉଠାଦୋକାନୀଙ୍କୁ ଥଇଥାନ କରିବା ପାଇଁ ନିୟମ ରହିଛି। ସୁବାସ ପାଣ୍ଡେ ଦୀର୍ଘ ୨୦ବର୍ଷ ଧରି ବ୍ୟବସାୟ କରି ନିଜର ଗୁଜୁରାଣ ମେଣ୍ଟାଇ ଆସୁଥିଲେ। ଏଭଳି ସ୍ଥଳେ ବିଏମ୍‌ସିର ଅସାଧୁ କର୍ମଚାରୀମାନେ କିଭଳି ସୁବାସଙ୍କ ଦୋକାନକୁ ଉଚ୍ଛେଦ କରିଥିଲେ ତାହାକୁ ନେଇ ସଂଘ ପ୍ରତିବାଦ ଜଣାଇଛି।

## ସାଇବର ଠକେଇର ଶିକାର ହେଲେ ପୋଲିସ କର୍ମଚାରୀଙ୍କ ସ୍ତ୍ରୀ

ଭୁବନେଶ୍ୱର,୨୧।୧(ବ୍ୟୁରୋ)

ରାଜ୍ୟରେ ସାଇବର ଠକେଇ ବଢ଼ି ଚାଲିଛି। ବାରମ୍ବାର ସଚେତନତା ସତ୍ତ୍ୱେ ଲୋକେ ସତର୍କ ହେଉନାହାନ୍ତି। ଏପଟେ ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ଗଠନ କରାଯାଇଥିବା ସାଇବର ସେଲ୍ ମଧ୍ୟ ଏଯାଏ ଏହି ଠକେଇ ରୋକିବାରେ ସଫଳ ହୋଇପାରିନି। ଫଳରେ ଓଡ଼ିଶାରେ ସାଇବର ଠକମାନେ ବେଶ୍ ସକ୍ରିୟ ହୋଇପଡିଥିବାବେଳେ ଏବେ ରାଜଧାନୀରେ ଜଣେ ପୋଲିସ କର୍ମଚାରୀଙ୍କ ସ୍ତ୍ରୀ ସାଇବର ଠକେଇର ଶିକାର ହୋଇଛନ୍ତି। କ୍ରେଡିଟ କାର୍ଡ ଅପ୍‌ଡେଟ୍ କରାଇବା ଆଳରେ ସାଇବର ଠକମାନେ ତାଙ୍କ ଆକାଉଣ୍ଟରୁ ୪୯ ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ତାଙ୍କ ସ୍ୱାମୀ ତଥା ରାଜ୍ୟ ଅପରାଧ ନିୟନ୍ତ୍ରଣ ସଂସ୍ଥାର କମ୍ପ୍ୟୁଟର ବିଭାଗରେ କାର୍ଯ୍ୟରତ ଏଏସ୍‌ଆଇ ବିଜୟ ବହଳି ଭୁବନେଶ୍ୱର ସାଇବର ଥାନାରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ସାଇବର ଥାନା ପୋଲିସ ତଦନ୍ତ କରି ଟଙ୍କା ଫେରାଇ ଆଣିବାକୁ ଉଦ୍ୟମ ଚଳାଇଥିବା ସୂଚନା ମିଳିଛି।

ଅଭିଯୋଗ ଅନୁସାରେ, ସାଇବର ଠକ ଜଣକ ବିଜୟଙ୍କ ସ୍ତ୍ରୀଙ୍କ ମୋବାଇଲ ଫୋନ୍‌କୁ କଲ୍ କରି ତାଙ୍କ ନାମରେ ଥିବା କ୍ରେଡ଼ିଟ୍ କାର୍ଡ଼ ଅପଡେଟ୍ କରାଇବାକୁ କହି ଆକାଉଣ୍ଟର ସମସ୍ତ ତଥ୍ୟ ମାଗିଥିଲେ। କେତେକ ସମସ୍ୟା ଥିବା କହି ଠକଜଣକ ଏନିଡେସ୍କ ନାମକ ଏକ ଆପ୍ଲିକେଶନ ଡାଉନ୍‌ଲୋଡ୍ କରିବାକୁ ପରାମର୍ଶ ଦେଇ କେତେକ କାର୍ଯ୍ୟ କରିବାକୁ କହିଥିଲେ। ବିଜୟଙ୍କ ସ୍ତ୍ରୀ ଉକ୍ତ ଆପ୍ ଡାଉନ୍‌ଲୋଡ୍ କରିବା ପରେ ତାଙ୍କ ମୋବାଇଲକୁ ଏକ ଲିଙ୍କ୍ ଆସିଥିଲା। ଲିଙ୍କ୍‌ରେ ଥିବା ଫର୍ମରେ ସବିଶେଷ ତଥ୍ୟ ଦେବା ସହ ତାଙ୍କ ମୋବାଇଲ ନମ୍ବରରେ ଏକ ୧୦ଟଙ୍କା ରିଚାର୍ଜ କରିଥିଲେ। ଏହାପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୪୯ ହଜାର ୨୬୪ ଟଙ୍କା କଟିଯାଇଥିଲା।

## କଳିଙ୍ଗନଗର, ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଉଚ୍ଛେଦ

ଭୁବନେଶ୍ୱର, ୨୧।୧ (ବ୍ୟୁରୋ)

ଆନ୍ତଃରାଜ୍ୟ ବସ୍ ଟର୍ମିନାଲ ପାଇଁ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଥିବା ବେଆଇନ ନିର୍ମାଣକୁ ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଇଛି। ଶୁକ୍ରବାର ଏହି ଜବରଦଖଲ ଉଚ୍ଛେଦ ଅଭିଯାନରେ ୨ଟି ପଲିଥିନ ନିର୍ମିତ ହୋଟେଲ, ୩ କ୍ୟାବିନ ଓ ୫ ଦୋକାନ ଘରକୁ ଉଚ୍ଛେଦ କରାଯାଇଛି। ସେହିଭଳି କଳିଙ୍ଗ ନଗର ସୁବୁଦ୍ଧିପୁର ମୌଜାର କେ-୪ସ୍ଥିତ ସରକାରୀ ଜମିରେ ଗଢ଼ି ଉଠିଥିବା ଗୋଟିଏ କ୍ଲବ ଘର, ଘରୋଇ ସ୍କୁଲ ସହ ୧୨ଟି ଘରକୁ ବିଡିଏ ମାଟିରେ ମିଶାଇ ଦେଇଛି। ଏହାସହ ସେଠାରେ ପାଚେରି ନିର୍ମାଣ କରି ଉକ୍ତ ଜମିକୁ ନିଜ ଅକ୍ତିଆରକୁ ଅଣାଯାଇଛି। ବିଡିଏ ଏନଫୋର୍ସମେଣ୍ଟ ଅଫିସର ପ୍ରମୋଦ ପାତ୍ର, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଓ ଏସିପି ରଜତ କୁମାର ରାୟ ଉପସ୍ଥିତ ଥିଲେ।

## ଶ୍ରୀନିବାସ ପାଇଲେ 'ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ'

ଭୁବନେଶ୍ୱର,୨୧।୧(ବ୍ୟୁରୋ)

ଅଭିନବ ଭାରତୀୟ ଚଳଚ୍ଚିତ୍ରର ଜନକ ପ୍ରମୋଦ ପତିଙ୍କ ୪୮ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ କ୍ୟାମେରାମ୍ୟାନ ଶ୍ରୀନିବାସ ମହାପାତ୍ରଙ୍କୁ 'ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ' ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ମହାପାତ୍ରଙ୍କ ବରମୁଣ୍ଡାସ୍ଥିତ ବାସଭବନରେ ରାଜ୍ୟ ଅର୍ଥ ଆୟୋଗର ପୂର୍ବତନ ଅଧ୍ୟକ୍ଷ ଡ. ରବିନାରାୟଣ ସେନାପତିଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲରେ ଅନୁଷ୍ଠିତ ପ୍ରତୀକାତ୍ମକ ଉତ୍ସବକୁ ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଭାରତ ସରକାରଙ୍କ ଆଞ୍ଚଳିକ ଆଉଟ୍‌ରିଚ୍ ବ୍ୟୁରୋର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର, ରାଜ୍ୟ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ, ବରିଷ୍ଠ ସାମ୍ବାଦିକ ତଥା ଉତ୍କଳ ପ୍ରସଙ୍ଗର ପୂର୍ବତନ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର, ପୌରୁଷର ସମ୍ପାଦକ ଅସିତ ମହାନ୍ତି, ଗବେଷକ ଡ. ଶ୍ରୀଚରଣ ମହାନ୍ତି, ସମାଜସେବୀ ଜଗବନ୍ଧୁ ଷଡ଼ଙ୍ଗୀ, ଅରବିନ୍ଦ ଦାସ, ବାପୁ ଲେଙ୍କା ଓ ଦିଲୀପ କୁମାର ରାୟ ଅତିଥି ଭାବେ ଯୋଗଦେଇ ପ୍ରମୋଦ ପତିଙ୍କ ଅମର କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ଭାରତୀୟ ଦର୍ଶକଙ୍କୁ ବିଭିନ୍ନ ଢଙ୍ଗର ହିନ୍ଦୀ ଓ ଓଡ଼ିଆ ଚଳଚ୍ଚିତ୍ର ଭେଟି ଦେଇ ଜଣେ ଜାତୀୟ ସ୍ତରର କୁଶଳୀ କ୍ୟାମେରାମ୍ୟାନ ଭାବେ ନିଜର ସ୍ୱାତନ୍ତ୍ର୍ୟ ଜାହିର କରିଥିବା ମହାପାତ୍ର ନିଜର ବୃତ୍ତିଗତ ଜୀବନର ଅଭିଜ୍ଞତାକୁ ବର୍ଣ୍ଣନା କରିଥିଲେ। ପ୍ରମୋଦ ପତି ଟ୍ରଷ୍ଟର ଉପାଧ୍ୟକ୍ଷ ଶୁଭେନ୍ଦୁ ରାଉତରାୟ ସ୍ୱାଗତ ଭାଷଣ, ସଙ୍ଗଠନ ସମ୍ପାଦକ ସୁବାସ ଚନ୍ଦ୍ର ରଥ ପ୍ରାରମ୍ଭିକ ସୂଚନା, ସମ୍ପାଦକ ଗୋଲକ ବିହାରୀ ସିଂହ ସଂଚାଳନ, ଲଳିତ କୁମାର ସାହୁ ଓ ଅଭିଷେକ ମହାପାତ୍ର ପରିଚାଳନା କରିଥିଲେ। ଟ୍ରଷ୍ଟ ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଭୁବନେଶ୍ୱର କଳିଙ୍ଗନଗର କେ୪ରେ ଥିବା ବେଆଇନ ଘରକୁ ଶୁକ୍ରବାର ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଉଛି।



ସାଧାରଣତନ୍ତ୍ର ଦିବସ ପରିପ୍ରେକ୍ଷୀରେ ଶୁକ୍ରବାର ସ୍ମାର୍ଟସିଟି ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲ ନିକଟ ଫୁଟ୍‌ପାଥକୁ ରଙ୍ଗ କରାଯାଉଛି।



ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବାସଭବନରେ କ୍ୟାମେରାମ୍ୟାନ ଶ୍ରୀନିବାସ ମହାପାତ୍ରଙ୍କୁ 'ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ' ପ୍ରଦାନ କରାଯାଉଛି।

# ପିଲାଙ୍କ ଭିତରେ ବକ୍ସିଂ ପ୍ରତିଭା ଜାଗ୍ରତ ଲକ୍ଷ୍ୟ

*ପିଲାଙ୍କ ଭବିଷ୍ୟତ କଥା ଉଠିଲେ ଅଭିଭାବକମାନେ ସବୁବେଳେ ଶିକ୍ଷାକୁ ପ୍ରଥମ ବିକଳ୍ପ ଭାବେ ଦେଖନ୍ତି। ହେଲେ କିଛି ଅଭିଭାବକ ନିଜ ପିଲାଙ୍କ ଭବିଷ୍ୟତ କ୍ରୀଡ଼ାକ୍ଷେତ୍ରରେ ଦେଖିବାକୁ ପସନ୍ଦ କରିଥାନ୍ତି। ହେଲେ କ୍ରୀଡ଼ା କ୍ଷେତ୍ରରେ ଥିବା ଦୁର୍ବଳ ଭିତ୍ତିଭୂମି ଓ ଅନିଶ୍ଚିତତା ଅନେକ ସମୟରେ ପିଲାଙ୍କ ଦକ୍ଷତାକୁ ସଙ୍କୁଚିତ କରିଥାଏ। ଏଭଳି ସ୍ଥିତିରେ କିଛି ଲୋକ ଅଛନ୍ତି, ଯେଉଁମାନେ ସେମାନଙ୍କ ପ୍ରଚେଷ୍ଟା ବଳରେ ପିଲାଙ୍କ କ୍ରୀଡ଼ା ଦକ୍ଷତାକୁ ପରିସ୍ଫୁଟିତ କରିବା ପ୍ରଚେଷ୍ଟା ଜାରି ରଖିଛନ୍ତି।*

**ପୁରୀ ଅଫିସ,୨୧।୧**


ସୁଦର୍ଶନ ସାହୁ ବକ୍ସିଂ ପ୍ରଶିକ୍ଷଣ ଦେଉଛନ୍ତି।

- ବସ୍ତି ପିଲାଙ୍କୁ ମାଗଣା ପ୍ରଶିକ୍ଷଣ ଦେଉଛନ୍ତି: ସୁଦର୍ଶନ
- ୫୦୦ରୁ ଊର୍ଦ୍ଧ୍ୱ ପିଲା ନେଲେଣି ପ୍ରଶିକ୍ଷଣ

ପୁରୀ ସହରରେ ଏକ ବେସରକାରୀ କ୍ରୀଡ଼ା ଅନୁଷ୍ଠାନ ରହିଛି, ଯାହାକି ବକ୍ସିଂ ଖେଳୁଥିବା ପ୍ରତିଭାଙ୍କ ପାଇଁ ଏକ ସୁଯୋଗ ସୃଷ୍ଟି କରିଛି। ୨୦୧୧-୧୨ରେ ପ୍ରଶିକ୍ଷକ ସୁଦର୍ଶନ ସାହୁଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପୁରୀ ବକ୍ସିଂ ଏକାଡେମୀରେ ବିଭିନ୍ନ ବର୍ଗର ପିଲାଙ୍କୁ ମାଗଣା ବକ୍ସିଂ ଶିକ୍ଷା ଦିଆଯାଉଛି। ବିଶେଷକରି ଆର୍ଥିକ ଅନଟନ ଯୋଗୁ ପାଠ ଛାଡ଼ି ସାରିଥିବା ପିଲାଙ୍କ ମଧ୍ୟରେ ପ୍ରତିଭା ଚୟନ କରିବାର ଦାୟିତ୍ୱ ମୁଣ୍ଡାଇଛନ୍ତି ଏକାଡେମୀର ମୁଖ୍ୟ କୋଚ୍ ସୁଦର୍ଶନ। ପୁରୀ ସହରର ଅନେକ ବସ୍ତି ଓ ସାହି ଗଳିକନ୍ଦିରେ ପିଲାଙ୍କୁ ଚୟନ କରି ବକ୍ସିଂ ଖେଳିବା ପାଇଁ ସେ ପ୍ରୋତ୍ସାହିତ କରୁଛନ୍ତି। ଗ୍ଲୋବ୍ସ, ପ୍ୟାଡ୍ ଭଳି ଉପକରଣର ସମସ୍ତ ଖର୍ଚ୍ଚ ସେ ନିଜେ ବହନ କରୁଛନ୍ତି। ଅତ୍ୟାଧୁନିକ ଉପକରଣ ନ ଥାଇ ପୁରୀ ଇନ୍‌ଡୋର୍ ଷ୍ଟାଡିୟମ୍ ମଧ୍ୟରେ ପିଲାଙ୍କୁ ଏହି କ୍ରୀଡ଼ାର ତାଲିମ ଦିଆଯାଉଛି। ପାଠପଢ଼ା ଛାଡ଼ି ସାରିଥିବା ଅନେକ ପିଲା ବକ୍ସିଂକୁ ଏବେ ସେମାନଙ୍କ ଜୀବନର ବ୍ରତ ଭାବେ ଗ୍ରହଣ କରିସାରିଲେଣି। ସୁଦର୍ଶନ ସାର୍ ଯେଉଁ ସ୍ୱପ୍ନ ଦେଖାଇଛନ୍ତି, ତାହା ଜୀବନକୁ ଏକ ନୂଆ ଦିଶା ଦେବ ଓ ବକ୍ସିଂର ମାନ୍ୟତା ଦେବ, ସେହି ଆଶା ନେଇ ମନପ୍ରାଣ ଲଗାଇ ବକ୍ସିଂ ଅଭ୍ୟାସ କରୁଛନ୍ତି ୫୦ରୁ ଊର୍ଦ୍ଧ୍ୱ ବକ୍ସର।

ସୁଦର୍ଶନଙ୍କ ମତରେ ବକ୍ସିଂ ଆର୍ଥିକ ସ୍ୱଚ୍ଛଳତା ଥିବା ପିଲାଙ୍କ କ୍ରୀଡ଼ା ଭାବେ ଜଣାଶୁଣା। ଏଥିପାଇଁ ଅନେକ ପ୍ରତିଭା ଲୋକଲୋଚନକୁ ଆସିବା ପୂର୍ବରୁ ହିଁ ନଷ୍ଟ ହୋଇ ଯାଉଛନ୍ତି। ପୁରୀ ସହରର ପିଲାଙ୍କୁ ତାଲିମ ଦେଇ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ପ୍ରତିନିଧିତ୍ୱ କରାଯାଇପାରିବ। ଏହା ଆଦୌ କଷ୍ଟକର ନୁହେଁ। ପିଲାଙ୍କ ଭିତରେ ବକ୍ସିଂକୁ ନେଇ ଉନ୍ମାଦନା ଭରି ରହିଛି। ମାତ୍ର ଅଭାବ ହେଉଛି କେବଳ ସରକାରୀ ପ୍ରୋତ୍ସାହନ। ବେସରକାରୀ ଅନୁଷ୍ଠାନ ଭାବେ ଆମେ ଆମର ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଛୁ। ଅଲ୍ ଇଣ୍ଡିଆ ଓପନ୍ ସବଜୁନିୟର୍ସ, ଖେଲୋ ଇଣ୍ଡିଆ, ସ୍କୁଲ ବକ୍ସିଂରେ ନ୍ୟାଶନାଲ ଓ ଅଲ୍ ଇଣ୍ଡିଆ ଓପନ୍ ବକ୍ସିଂରେ ଆମ ଏକାଡେମୀର ପିଲାମାନେ ସଫଳତା ପାଇସାରିଛନ୍ତି। ଏହି ସଫଳତା ପିଲାଙ୍କ ଦକ୍ଷତା ଓ ପାରିବାପଣିଆକୁ ପ୍ରମାଣିତ କରୁଛି। ପିଲାମାନେ ସୁଷମ ଖାଦ୍ୟ ଖାଇବେ, ହଷ୍ଟେଲରେ ରହିବେ ଓ ବକ୍ସିଂ କରିବେ। ସରକାର ଏହି ଦିଗରେ ଧ୍ୟାନ ଦେଲେ ବିଶ୍ୱର ଟାଣୁଆ ବକ୍ସର ପୁରୀ ମାଟିରୁ ତିଆରି ହେବେ। ସେହିଭଳି ପିଲାଙ୍କ ତାଲିମ ସମ୍ପର୍କରେ ସୁଦର୍ଶନ କହିଛନ୍ତି, ସ୍ପ୍ରିଂଟିଂ, ୱେଟ୍ ଟ୍ରେନିଂ, ପଞ୍ଚିଂ ଭଳି ଅଭ୍ୟାସ ନିୟମିତ କରାଯାଉଥିବା ବେଳେ ଅନ୍ୟ ଶାରୀରିକ ଅଭ୍ୟାସ ମଧ୍ୟ କରାଯାଉଛି। ସ୍ୱର୍ଣ୍ଣଲତା ଛୁଆଲସିଂ ନାମକ ଜଣେ ମହିଳା କୋଚ୍ ମଧ୍ୟ ନିଯୁକ୍ତ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ୫ଶହରୁ ଊର୍ଦ୍ଧ୍ୱ ପିଲାଙ୍କୁ ବକ୍ସିଂ ଶିକ୍ଷା ପ୍ରଦାନ କରାଇସାରିଛୁ। ଏମାନଙ୍କ ମଧ୍ୟରୁ ଅତି କମ୍‌ରେ ୫ଜଣ ପ୍ରତିବର୍ଷ ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରୁଛନ୍ତି। ଅକ୍ଷୟ ନାୟକ ଅଲ୍ ଇଣ୍ଡିଆ ଓପନ୍ ସବ୍‌ଜୁନିୟରରେ, ସୁବ୍ରତ ପ୍ରଧାନ ସ୍କୁଲ୍ ନ୍ୟାଶନାଲରେ, ସ୍ମାରକ ରଞ୍ଜନ ସାହୁ ଖେଲୋ ଇଣ୍ଡିଆ ଓ ଅଲ୍ ଇଣ୍ଡିଆ ଓପନ୍ ବକ୍ସିଂରେ ମେଡାଲ୍ ପାଇଛନ୍ତି। ଏଭଳି ଅନେକ ପ୍ରତିଭା ପଛରେ ଆମେ ଦୌଡ଼ୁଛୁ। ସେହିଭଳି ବସ୍ତି ଅଞ୍ଚଳରୁ ଆସୁଥିବା ପିଲାଙ୍କୁ ପ୍ରଥମେ ପ୍ରୋତ୍ସାହିତ କରି ବକ୍ସିଂ ପାଇଁ ଆଣିଥାଉ। ପରେ ସେମାନଙ୍କ ବକ୍ସିଂରେ ମନ ଲାଗିଯିବା ପରେ ସ୍କୁଲ ଯିବା ପାଇଁ ବାଧ୍ୟ କରିଥାଉ। ସ୍କୁଲ ନ ଗଲେ ବକ୍ସିଂ ତାଲିମ ମଧ୍ୟ ଦିଆଯିବ ନାହିଁ ବୋଲି କୁହାଯାଏ। ପରେ ବାଧ୍ୟ ହୋଇ ପିଲାମାନେ ସ୍କୁଲକୁ ଫେରନ୍ତି ଓ ପାଠ ପଢ଼ନ୍ତି। ଏସବୁରେ ବହୁ ଆତ୍ମସନ୍ତୋଷ ମିଳେ ବୋଲି ସୁଦର୍ଶନ କହିଛନ୍ତି। ଗୁହାହାଟୀ ସିଲଂର ନ୍ୟାଶନାଲ୍ ବକ୍ସିଂ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଅକ୍ଷୟ ନାୟକ କହିଛନ୍ତି ଯେ, ହରିଜନ ବସ୍ତିରୁ ବାହାରି ସ୍ୱର୍ଣ୍ଣପଦକ ଜିତିବା ଛୋଟ କଥା ନୁହେଁ। ଏଭଳି ସଫଳତା ପାଇବା ମୋ ସ୍ୱପ୍ନ ବାହାରେ ଥିଲା। ସୁଦର୍ଶନ ସାର୍‌ଙ୍କ ପ୍ରୟାସରେ ଦିନେ ବସ୍ତିରୁ ବାହାରି ଆସି ଏଇଠି କୋଚିଂ ଆରମ୍ଭ କଲି। ପରେ ପଢ଼ିବା ପାଇଁ ମଧ୍ୟ ପ୍ରେରଣା ମିଳିଲା। ଯାହା ପାଇଛି ସବୁ ଏହି ଏକାଡେମୀର ଅବଦାନ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ତପୁ


@ ରାଜା


@ ସତ୍ୟବ୍ରତ


@ ଆଜାଦ୍


@ ଆଶୁ


@ ମୁସ୍କାନ

## ସଂକ୍ଷେପରେ

### ବରିଷ୍ଠ ନାଗରିକଙ୍କୁ ମିଳିଲା ପରିଚୟ ପତ୍ର

#### ଆମ ପୋଲିସ କାର୍ଯ୍ୟକ୍ରମ

**ବେଗୁନିଆ,୨୧।୧(ଡି.ଏନ୍.ଏ.):** ବେଗୁନିଆ ଥାନା ପରିସରରେ ଶୁକ୍ରବାର 'ଆମ ପୋଲିସ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ବୋଲଗଡ଼ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ମଞ୍ଚ ସଭାପତି ଗୋପୀନାଥ ଖାଡଙ୍ଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର ଯୋଗଦେଇଥିଲେ। ଅତିଥିଭାବେ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ, ମଞ୍ଚ ସମ୍ପାଦକ ବାଲ୍ମୀକି ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ଯୁବବର୍ଗ ଉପସ୍ଥିତ ଥିଲେ। ଏହି ଥାନା ଅଧୀନରେ ଥିବା ବୋଲଗଡ ବ୍ଲକର ୭ଟି ପଞ୍ଚାୟତ ଅଞ୍ଚଳର ୩୪ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ଏଥିଯୋଗୁ ପୋଲିସ ଓ ଜନତାଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ ହୋଇପାରିଛି। ସରକାରଙ୍କ ଏହି ପରିଚୟ ପତ୍ର ପ୍ରଦାନ ଦ୍ୱାରା ବରିଷ୍ଠ ନାଗରିକମାନେ ଦୂର ଦୂରାନ୍ତକୁ ସୁବିଧାରେ ଯାତାୟାତ କରି ପାରୁଛନ୍ତି ବୋଲି ଅତିଥି ମିଶ୍ର କହିଥିଲେ।

### ବିଶ୍ୱ ରେକର୍ଡ ଅଧିକାରୀ କମଳାକାନ୍ତଙ୍କୁ ସମ୍ବର୍ଦ୍ଧନା

**ପୁରୀ ଅଫିସ/ବ୍ରହ୍ମଗିରି,୨୧।୧(ଡି.ଏନ୍.ଏ.):** ବିଶ୍ୱ ରେକର୍ଡଧାରୀ କମଳାକାନ୍ତ ନାୟକଙ୍କୁ ସାମାଜିକ ଅନୁଷ୍ଠାନ ଉର୍ଜାବାନ ଓଡ଼ିଶା ପକ୍ଷରୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ନିଆଜପୁର ଗ୍ରାମର ଦିବ୍ୟାଙ୍ଗ ଯୁବକ ହେଉଛନ୍ତି କମଳାକାନ୍ତ ନାୟକ। ସେ ୨୪ ଘଣ୍ଟା ମଧ୍ୟରେ ୨୧୫ କିଲୋମିଟର ଅତିକ୍ରମ କରି ସମଗ୍ର ରାଜ୍ୟ ସମେତ ପୁରୀ ଜିଲା ପାଇଁ ଗୌରବ ଆଣିଛନ୍ତି। ପ୍ରଥମେ ପୁରୀରୁ ଗାଁକୁ ଫେରିବା ପରେ ବାଇକ୍ ଶୋଭାଯାତ୍ରାରେ ତାଙ୍କୁ ପାଛୋଟି ନିଆଯାଇଥିଲା। ପ୍ରଭୁ ଅଲରାନାଥଙ୍କୁ ଦର୍ଶନ କରି ଗାଁକୁ ଯାଇଥିଲେ। ତାଙ୍କ ଦୃଢ଼ ଇଚ୍ଛାଶକ୍ତି ଯୋଗୁ ସମ୍ଭବ ହୋଇପାରିଛି। କମଳାକାନ୍ତଙ୍କ କାର୍ଯ୍ୟକୁ ସମ୍ମାନ ଜଣାଇ ଉର୍ଜାବାନ ଓଡ଼ିଶା ପକ୍ଷରୁ ସଂଗଠନ ସଭାପତି ସନ୍ତୋଷ ସେନାପତି ଉତ୍ତରୀୟ ସହ ପୁଷ୍ପଗୁଚ୍ଛ ପ୍ରଦାନ କରି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ନେତାଜୀ ଜୟନ୍ତୀ ଉପଲକ୍ଷେ କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ଆଲୋକମାଳାରେ ସଜା ଯାଇଛି।

## ଅସରଳା ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

**ବୋଲଗଡ଼,୨୧।୧(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଅସରଳା ସେବା ସମବାୟ ସମିତି ପକ୍ଷରୁ ଧାନ ମଣ୍ଡି ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ରାଜସୁନାଖଳା ସମବାୟ ଶାଖା ପରିଚାଳକ ସନ୍ଦୀପ ପଟ୍ଟନାୟକ ଯୋଗଦେଇ ପୂଜାର୍ଚ୍ଚନା ସହ ମଣ୍ଡି ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ମିଲର ରବୀନ୍ଦ୍ର ସୁବୁଦ୍ଧି, ଅଜୟ କୁମାର ପଟ୍ଟନାୟକ, ସମବାୟ ସମିତି ସମ୍ପାଦିକା ରଶ୍ମିରେଖା ମିଶ୍ର, ପୂର୍ବତନ ସଭାପତି ରଞ୍ଜନ ଖଟେଇ ଓ ସନ୍ତୋଷ କୁମାର ବରାଡ଼ ପ୍ରମୁଖ ଯୋଗଦେଇଥିଲେ। ଏହି ସମିତି ଅଧୀନରେ ୪୫୨ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକୃତ ହୋଇଥିବା ବେଳେ ଟୋକନ ଆସିଲେ ଚାଷୀ ମଣ୍ଡିକୁ ଆଣି ବିକ୍ରି କରିପାରିବେ ବୋଲି ଶାଖା ପରିଚାଳକ ପଟ୍ଟନାୟକ କହିଛନ୍ତି। ଚଳିତ ଥର ସାଧାରଣ କିସମ ଧାନ କୁଇଣ୍ଟାଲ ପିଛା ୧୯୪୦ ଟଙ୍କା ଓ ଗ୍ରେଡ ଏ କିସମ ଧାନ କୁଇଣ୍ଟାଲ ପିଛା ୧୯୬୦ଟଙ୍କା ରହିଥିବା ସମବାୟ ସମିତି ସମ୍ପାଦିକା କହିଛନ୍ତି। ମାସର ପ୍ରତ୍ୟେକ ଶୁକ୍ରବାର ଏହି ସମିତିରେ ଧାନ କିଣାହେବାକୁ ଥିବା ବେଳେ ପ୍ରଥମ ଦିବସରେ ୨୦ଜଣ ଚାଷୀଙ୍କ ଠାରୁ ରାଜସୁନାଖଳାର ଶିବାନୀ ଫୁଡ ପ୍ରାଇଭେଟ ଲିମିଟେଡ ୩୦୦ କୁଇଣ୍ଟାଲ ଧାନ କିଣିଥିବା ଜଣାପଡ଼ିଛି।

## ଅଭିଯୁକ୍ତଙ୍କୁ ୧୪ ବର୍ଷ ଜେଲ, ଜରିମାନା

**କଟକ ଅଫିସ,୨୧।୧**

**ନାବାଳିକା ବଳାତ୍କାର ମାମଲା**

ନାବାଳିକା ଅପହରଣ ଓ ବଳାତ୍କାର ମାମଲାରେ କଟକ ପୋକ୍‌ସୋ କୋର୍ଟ ଅଭିଯୁକ୍ତ ଆଲୋକ ଦେହୁରୀଙ୍କୁ ୧୪ ବର୍ଷ ଜେଲଦଣ୍ଡ ସହ ୧୦,୦୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ। ଏଥିସହ ପୀଡିତାଙ୍କୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ କଟକ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ୨୦୧୬ ଫେବୃୟାରୀ ୧୨ ତାରିଖରେ କଟକ ଜିଲା ବଡମ୍ବା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଆଲୋକ ଅପହରଣ କରି ନେଇ ବଳାତ୍କାର କରିଥିଲେ। ଏ ନେଇ ନାବାଳିକାଙ୍କ ବାପା ବଡମ୍ବା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ସମସ୍ତ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ କୋର୍ଟ ଅଭିଯୁକ୍ତଙ୍କୁ ଦଣ୍ଡିତ କରିଛନ୍ତି। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ମୁକୁଳା ଡ୍ରେନ୍ ପାଲଟିଛି ମରଣଯନ୍ତା

**ଜଟଣୀ,୨୧।୧(ଡି.ଏନ୍.ଏ.)**



ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳରେ ବହୁ ଡ୍ରେନ୍ ମୁକୁଳା ରହିଛି। ଏହା ଉପରେ ସ୍ଲାବ ପଡ଼ି ନ ଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। କେତେକ ସ୍ଥାନରେ ଅଳିଆ ଆବର୍ଜନା, ଗୃହ ନିର୍ମାଣ ସାମଗ୍ରୀ ଜମାହୋଇ ରହିବା ଫଳରେ କେଉଁଠି ଡ୍ରେନ୍ ପୋତି ହୋଇଗଲାଣି ତ ଆଉ କେଉଁଠି ଡ୍ରେନ୍ ଥିବା ଜଣାପଡୁନାହିଁ। ଅନ୍ୟପଟେ କେତେକ ସ୍ଥାନରେ ପ୍ରତ୍ୟେକ ଦିନ ଅଳିଆ ଉଠୁ ନ ଥିବା ଅଭିଯୋଗ ହେଉଛି। ପୌର ପ୍ରଶାସନର ଅବହେଳା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ମୁକୁଳା ଡ୍ରେନ୍ ଉପରେ ସ୍ଲାବ ପକାଇବା ସହ ଭାଙ୍ଗିଯାଇଥିବା ଡ୍ରେନ୍‌କୁ ମରାମତି କରିବା ପାଇଁ ଦାବି ହେଉଛି। ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନଂ.୪ ରାଜାବଜାର ସୀତାରାମ କଲୋନୀରେ ଦୀର୍ଘ ବର୍ଷ ଧରି ଡ୍ରେନ୍ ସଫା ଓ ମରାମତି ନ ହେବାରୁ ଲୋକେ ହଇରାଣ ହେଉଥିଲେ। ଏନେଇ ପୌର ପ୍ରଶାସନର ଦୃଷ୍ଟିଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଗଲା ନାହିଁ। ସ୍ଥାନୀୟ ବାସିନ୍ଦାଙ୍କ ସମସ୍ୟାକୁ ନେଇ ଗତ ୨୭ ସେପ୍ଟେମ୍ବରରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏନେଇ ପୌର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଏହା ପରେ ପ୍ରଶାସନ ପକ୍ଷରୁ ଉକ୍ତ ଅଞ୍ଚଳର ଡ୍ରେନ୍ ସଫା ସହିତ କେତେକ ସ୍ଥାନରେ ସ୍ଲାବ ପକାଯାଇଥିଲା। ତେବେ କାମ ସମ୍ପୂର୍ଣ୍ଣ ନ କରି ଅଧାରୁ ବନ୍ଦ କରିଦିଆଗଲା। ଫଳରେ ସ୍ଥାନୀୟ ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅସରାଏ ବର୍ଷାରେ ଡ୍ରେନ୍ ବୁଡ଼ିଯିବା ସହ ଲୋକଙ୍କ ଘରେ ପାଣି ପଶୁଛି। ଏଥିସହ ରାସ୍ତା, ଡ୍ରେନ୍ ଏକାକାର ହୋଇଯାଇଥିବାରୁ ଡ୍ରେନରେ ପଡ଼ି ଅନେକ ଲୋକ, ଗୋରୁ ଆହତ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବା ସହ ପଦକ୍ଷେପ ନେବାକୁ ଦାବି ହେଉଛି। ଅନ୍ୟପକ୍ଷେରେ ଏ ସମ୍ପର୍କରେ ପୌର କନିଷ୍ଠ ଯନ୍ତ୍ରୀ ଆଲୋକ ସ୍ୱାଇଁ କହିଛନ୍ତି, ଉକ୍ତ ସ୍ଥାନର ସମାଧାନ ନିମନ୍ତେ ଟେଣ୍ଡର ହୋଇଛି, ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ।

## ସ୍କର୍ପିଅନକୁ ହରାଇ ସୁପରଷ୍ଟାର ବିଜୟୀ

**ଜଟଣୀ,୨୧।୧(ଡି.ଏନ୍.ଏ.)**

**କୁଦିଆରୀ ପ୍ରିମିୟର ଲିଗ୍ ଉଦ୍‌ଘାଟିତ**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମ ଠାରେ ଶୁକ୍ରବାର ଦ୍ୱିତୀୟ କୁଦିଆରୀ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ପୂର୍ବତନ କାଉନ୍‌ସିଲର ଅନନ୍ତ ବେହେରା ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ନାମେଣ୍ଟ ୧୭ଦିନ ଧରି ଚାଲିବ। ସ୍ଥାନୀୟ କେସିସି ଖେଳପଡିଆରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ସ୍କର୍ପିଅନ ଟିମ୍‌କୁ ହରାଇ ସୁପରଷ୍ଟାର ଟିମ୍ ବିଜୟୀ ହୋଇଛି। ଟସ୍ ଜିତି ସ୍କର୍ପିଅନ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୫୬ ରନ ସଂଗ୍ରହ କରିଥିଲା। ଜବାବରେ ସୁପରଷ୍ଟାର ୨୦ ଓଭର ଶେଷ ସୁଦ୍ଧା ୨ ଉଇକେଟ ବିନିମୟରେ ୧୫୭ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦେବା ରାଇତାଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯଇଥିଲା। ଦୀପକ ମହାନ୍ତି ଓ ସୋମ୍ୟଶୁଭମ ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ।


ପୁରୀ-ବ୍ରହ୍ମଗିରି ରାସ୍ତାକଡ଼ରେ ଏକ ବିଲ ମଧ୍ୟରେ ଖାଦ୍ୟ ଅନ୍ୱେଷଣରେ ଆସିଥିବା ବିଦେଶୀ ପକ୍ଷୀ।


ପୁରୀର ସାମାଜିକ ଅନୁଷ୍ଠାନ ଉର୍ଜାବାନ ଓଡ଼ିଶା ପକ୍ଷରୁ ଶୁକ୍ରବାର ବିଶ୍ୱ ରେକର୍ଡଧାରୀ ହ୍ୱିଲ୍ ମାରାଥନର୍ କମଳାକାନ୍ତ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।


ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ସପ୍ତାହ ପାଳନ ଅବସରରେ ଶୁକ୍ରବାର ବାରବାଟୀ ଷ୍ଟାଡିୟମରେ ପତଞ୍ଜଳି ଯୋଗପୀଠ ପରିବାର କଟକ ପକ୍ଷରୁ ଅନୁଷ୍ଠିତ ସାମୂହିକ ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମରେ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି।

# ପିଲାଙ୍କ ଭିତରେ ବକ୍ସିଂ ପ୍ରତିଭା ଜାଗ୍ରତ ଲକ୍ଷ୍ୟ

*ପିଲାଙ୍କ ଭବିଷ୍ୟତ କଥା ଉଠିଲେ ଅଭିଭାବକମାନେ ସବୁବେଳେ ଶିକ୍ଷାକୁ ପ୍ରଥମ ବିକଳ୍ପ ଭାବେ ଦେଖନ୍ତି। କାଁ ଭାଁ କିଛି ଅଭିଭାବକ ନିଜ ପିଲାଙ୍କ ଭବିଷ୍ୟତ କ୍ରୀଡ଼ାକ୍ଷେତ୍ରରେ ଦେଖିବାକୁ ପସନ୍ଦ କରିଥାନ୍ତି। ହେଲେ କ୍ରୀଡ଼ା କ୍ଷେତ୍ରରେ ଥିବା ଦୁର୍ବଳ ଭିତ୍ତିଭୂମି ଓ ଅନିଶ୍ଚିତତା ଅନେକ ସମୟରେ ପିଲାଙ୍କ ଦକ୍ଷତାକୁ ସଙ୍କୁଚିତ କରିଥାଏ। ଏଭଳି ସ୍ଥିତିରେ କିଛି ଲୋକ ଅଛନ୍ତି, ଯେଉଁମାନେ ସେମାନଙ୍କ ପ୍ରଚେଷ୍ଟା ବଳରେ ପିଲାଙ୍କ କ୍ରୀଡ଼ା ଦକ୍ଷତାକୁ ପରିସ୍ଫୁଟିତ କରିବା ପ୍ରଚେଷ୍ଟା ଜାରି ରଖିଛନ୍ତି।*

ପୁରୀ ଅଫିସ,୨୧।୧


ସୁଦର୍ଶନ ସାହୁ ବକ୍ସିଂ ପ୍ରଶିକ୍ଷଣ ଦେଉଛନ୍ତି।

- ବସ୍ତି ପିଲାଙ୍କୁ ମାଗଣା ପ୍ରଶିକ୍ଷଣ ଦେଉଛନ୍ତି ସୁଦର୍ଶନ
- ୫୦୦ରୁ ଊର୍ଦ୍ଧ୍ୱ ପିଲା ନେଲେଣି ପ୍ରଶିକ୍ଷଣ

ପୁରୀ ସହରରେ ଏକ ବେସରକାରୀ କ୍ରୀଡ଼ା ଅନୁଷ୍ଠାନ ରହିଛି, ଯାହାକି ବକ୍ସିଂ ଖେଳୁଥିବା ପ୍ରତିଭାଙ୍କ ପାଇଁ ଏକ ସୁଯୋଗ ସୃଷ୍ଟି କରିଛି। ୨୦୧୧-୧୨ରେ ପ୍ରଶିକ୍ଷକ ସୁଦର୍ଶନ ସାହୁଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପୁରୀ ବକ୍ସିଂ ଏକାଡେମୀରେ ବିଭିନ୍ନ ବର୍ଗର ପିଲାଙ୍କୁ ମାଗଣା ବକ୍ସିଂ ଶିକ୍ଷା ଦିଆଯାଉଛି। ବିଶେଷକରି ଆର୍ଥିକ ଅନଟନ ଯୋଗୁ ପାଠ ଛାଡ଼ି ସାରିଥିବା ପିଲାଙ୍କ ମଧ୍ୟରେ ପ୍ରତିଭା ଚୟନ କରିବାର ଦାୟିତ୍ୱ ମୁଣ୍ଡାଇଛନ୍ତି ଏକାଡେମୀର ମୁଖ୍ୟ କୋଚ୍ ସୁଦର୍ଶନ। ପୁରୀ ସହରର ଅନେକ ବସ୍ତି ଓ ସାହି ଗଳିକନ୍ଦିରେ ପିଲାଙ୍କୁ ଚୟନ କରି ବକ୍ସିଂ ଖେଳିବା ପାଇଁ ସେ ପ୍ରୋତ୍ସାହିତ କରୁଛନ୍ତି। ଗ୍ଲୋଭ୍ସ, ପ୍ୟାଡ୍ ଭଳି ଉପକରଣର ସମସ୍ତ ଖର୍ଚ୍ଚ ସେ ନିଜେ ବହନ କରୁଛନ୍ତି। ଅତ୍ୟାଧୁନିକ ଉପକରଣ ନ ଥାଇ ପୁରୀ ଇନ୍‌ଡୋର୍ ଷ୍ଟାଡିୟମ୍ ମଧ୍ୟରେ ପିଲାଙ୍କୁ ଏହି କ୍ରୀଡ଼ାର ତାଲିମ ଦିଆଯାଉଛି। ପାଠପଢ଼ା ଛାଡ଼ି ସାରିଥିବା ଅନେକ ପିଲା ବକ୍ସିଂକୁ ଏବେ ସେମାନଙ୍କ ଜୀବନର ବ୍ରତ ଭାବେ ଗ୍ରହଣ କରିସାରିଲେଣି। ସୁଦର୍ଶନ ସାର୍ ଯେଉଁ ସ୍ୱପ୍ନ ଦେଖାଇଛନ୍ତି, ତାହା ଜୀବନକୁ ଏକ ନୂଆ ଦିଶା ଦେବ ଓ ବକ୍ସିଂର ମାନ୍ୟତା ଦେବ, ସେହି ଆଶା ନେଇ ମନପ୍ରାଣ ଲଗାଇ ବକ୍ସିଂ ଅଭ୍ୟାସ କରୁଛନ୍ତି ୫୦ରୁ ଊର୍ଦ୍ଧ୍ୱ ବକ୍ସର।

ସୁଦର୍ଶନଙ୍କ ମତରେ ବକ୍ସିଂ ଆର୍ଥିକ ସ୍ୱଚ୍ଛଳତା ଥିବା ପିଲାଙ୍କ କ୍ରୀଡ଼ା ଭାବେ ଜଣାଶୁଣା। ଏଥିପାଇଁ ଅନେକ ପ୍ରତିଭା ଲୋକଲୋଚନକୁ ଆସିବା ପୂର୍ବରୁ ହିଁ ନଷ୍ଟ ହୋଇ ଯାଉଛନ୍ତି। ପୁରୀ ସହରର ପିଲାଙ୍କୁ ତାଲିମ ଦେଇ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ପ୍ରତିନିଧିତ୍ୱ କରାଯାଇପାରିବ। ଏହା ଆଦୌ କଷ୍ଟକର ନୁହେଁ। ପିଲାଙ୍କ ଭିତରେ ବକ୍ସିଂକୁ ନେଇ ଉନ୍ମାଦନା ଭରି ରହିଛି। ମାତ୍ର ଅଭାବ ହେଉଛି କେବଳ ସରକାରୀ ପ୍ରୋତ୍ସାହନ। ବେସରକାରୀ ଅନୁଷ୍ଠାନ ଭାବେ ଆମେ ଆମର ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଛୁ। ଅଲ୍ ଇଣ୍ଡିଆ ଓପନ୍ ସବ୍‌ଜୁନିୟର୍ସ, ଖେଲୋ ଇଣ୍ଡିଆ, ସ୍କୁଲ ବକ୍ସିଂରେ ନ୍ୟାଶନାଲ ଓ ଅଲ୍ ଇଣ୍ଡିଆ ଓପନ୍ ବକ୍ସିଂରେ ଆମ ଏକାଡେମୀର ପିଲାମାନେ ସଫଳତା ପାଇସାରିଛନ୍ତି। ଏହି ସଫଳତା ପିଲାଙ୍କ ଦକ୍ଷତା ଓ ପାରିବାପଣିଆକୁ ପ୍ରମାଣିତ କରୁଛି। ପିଲାମାନେ ସୁଷମ ଖାଦ୍ୟ ଖାଇବେ, ହଷ୍ଟେଲରେ ରହିବେ ଓ ବକ୍ସିଂ କରିବେ। ସରକାର ଏହି ଦିଗରେ ଧ୍ୟାନ ଦେଲେ ବିଶ୍ୱର ଟାଣୁଆ ବକ୍ସର ପୁରୀ ମାଟିରୁ ତିଆରି ହେବେ। ସେହିଭଳି ପିଲାଙ୍କ ତାଲିମ ସମ୍ପର୍କରେ ସୁଦର୍ଶନ କହିଛନ୍ତି, ସ୍ପ୍ରିଂଟିଂ, ୱେଟ୍ ଟ୍ରେନିଂ, ପଞ୍ଚିଂ ଭଳି ଅଭ୍ୟାସ ନିୟମିତ କରାଯାଉଥିବା ବେଳେ ଅନ୍ୟ ଶାରୀରିକ ଅଭ୍ୟାସ ମଧ୍ୟ କରାଯାଉଛି। ସ୍ୱର୍ଣ୍ଣଲତା ଛୁଆଳସିଂ ନାମକ ଜଣେ ମହିଳା କୋଚ୍ ମଧ୍ୟ ନିଯୁକ୍ତ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ୫ଶହରୁ ଊର୍ଦ୍ଧ୍ୱ ପିଲାଙ୍କୁ ବକ୍ସିଂ ଶିକ୍ଷା ପ୍ରଦାନ କରାଇସାରିଛୁ। ଏମାନଙ୍କ ମଧ୍ୟରୁ ଅତି କମ୍‌ରେ ୫ଜଣ ପ୍ରତିବର୍ଷ ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରୁଛନ୍ତି। ଅକ୍ଷୟ ନାୟକ ଅଲ୍ ଇଣ୍ଡିଆ ଓପନ୍ ସବ୍‌ଜୁନିୟରରେ, ସୁବ୍ରତ ପ୍ରଧାନ ସ୍କୁଲ୍ ନ୍ୟାଶନାଲରେ, ସ୍ମାରକ ରଞ୍ଜନ ସାହୁ ଖେଲୋ ଇଣ୍ଡିଆ ଓ ଅଲ୍ ଇଣ୍ଡିଆ ଓପନ୍ ବକ୍ସିଂରେ ମେଡାଲ୍ ପାଇଛନ୍ତି। ଏଭଳି ଅନେକ ପ୍ରତିଭା ପଛରେ ଆମେ ଦୌଡ଼ୁଛୁ। ସେହିଭଳି ବସ୍ତି ଅଞ୍ଚଳରୁ ଆସୁଥିବା ପିଲାଙ୍କୁ ପ୍ରଥମେ ପ୍ରୋତ୍ସାହିତ କରି ବକ୍ସିଂ ପାଇଁ ଆଣିଥାଉ। ପରେ ସେମାନଙ୍କ ବକ୍ସିଂରେ ମନ ଲାଗିଯିବା ପରେ ସ୍କୁଲ ଯିବା ପାଇଁ ବାଧ୍ୟ କରିଥାଉ। ସ୍କୁଲ ନ ଗଲେ ବକ୍ସିଂ ତାଲିମ ମଧ୍ୟ ଦିଆଯିବ ନାହିଁ ବୋଲି କୁହାଯାଏ। ପରେ ବାଧ୍ୟ ହୋଇ ପିଲାମାନେ ସ୍କୁଲକୁ ଫେରନ୍ତି ଓ ପାଠ ପଢ଼ନ୍ତି। ଏସବୁରେ ବହୁ ଆତ୍ମସନ୍ତୋଷ ମିଳେ ବୋଲି ସୁଦର୍ଶନ କହିଛନ୍ତି। ଗୁହାହାଟୀ ସିଲଂର ନ୍ୟାଶନାଲ୍ ବକ୍ସିଂ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଅକ୍ଷୟ ନାୟକ କହିଛନ୍ତି ଯେ, ହରିଜନ ବସ୍ତିରୁ ବାହାରି ସ୍ୱର୍ଣ୍ଣପଦକ ଜିତିବା ଛୋଟ କଥା ନୁହେଁ। ଏଭଳି ସଫଳତା ପାଇବା ମୋ ସ୍ୱପ୍ନ ବାହାରେ ଥିଲା। ସୁଦର୍ଶନ ସାର୍‌ଙ୍କ ପ୍ରୟାସରେ ଦିନେ ବସ୍ତିରୁ ବାହାରି ଆସି ଏଇଠି କୋଚିଂ ଆରମ୍ଭ କଲି। ପରେ ପଢ଼ିବା ପାଇଁ ମଧ୍ୟ ପ୍ରେରଣା ମିଳିଲା। ଯାହା ପାଇଛି ସବୁ ଏହି ଏକାଡେମୀର ଅବଦାନ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ତପୁ


@ ରାଜା


@ ସତ୍ୟବ୍ରତ


@ ଆଜାଦ୍


@ ଆଶୁ


@ ମୁସ୍କାନ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୧।୧।୨୦୨୨

| ୧,୯୮୯ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ଆଜି କ'ଣ କେଉଁଠି

ପୁରୀ

- ଅନ୍ନପୂର୍ଣ୍ଣା ଥିଏଟର ଏ ଗ୍ରୁପ ପରିବାର ପକ୍ଷରୁ ଦେବେନ୍ଦ୍ର ସାହୁଙ୍କ ସ୍ମୃତିସଭା, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୂର୍ବାହ୍ନ ୧୦ଟା ୩୦।
- ଆପଣଙ୍କ ସେବାରେ ଶହୀଦ ବେଙ୍ଗପାଣିଆ ଶ୍ରାଦ୍ଧଦିବସ, ସର୍ବ ମଙ୍ଗଳା ପାଠାଗାର, ଅପରାହ୍ନ ୪ଟା ୩୦।


ନେତାଜୀ ଜୟନ୍ତୀ ଉପଲକ୍ଷେ କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ଆଲୋକମାଳାରେ ସଜା ଯାଇଛି।

## ବ୍ଲକର ସର୍ବକନିଷ୍ଠ ସରପଞ୍ଚ

ଗୋପ,୨୧।୧(ଡି.ଏନ୍.ଏ.)

ଗୋପ ବ୍ଲକ ମହଲପଡ଼ା ପଞ୍ଚାୟତର ସର୍ବକନିଷ୍ଠ ସରପଞ୍ଚ ରାଜଶ୍ରୀ ପରିଡ଼ା ଆଉ ଗୋଟିଏ ଦିନ ପରେ ସଂସାର ବନ୍ଧନରେ ବାନ୍ଧି ହେବେ । ଦୀର୍ଘ ୫ ବର୍ଷର ପଞ୍ଚାୟତବାସୀଙ୍କ ଭଲ ପାଇବା ଯୋଗୁ ପଞ୍ଚାୟତର ବହୁ ଉନ୍ନତି କରିପାରିଥିବା ସେ କହିଛନ୍ତି। କାରଣ ପଞ୍ଚାୟତରେ ବସବାସ କରୁଥିବା ଗରିବ ଲୋକଙ୍କ ସମସ୍ୟା ପ୍ରତି ତାଙ୍କର ଇଚ୍ଛାଶକ୍ତି ଅଧିକ ମାତ୍ରାରେ ରହିଥିବାରୁ ସେ ସରପଞ୍ଚ ଭାବରେ ପ୍ରାର୍ଥୀ ହୋଇଥିଲେ ଓ ପଞ୍ଚାୟତବାସୀ ମଧ୍ୟ ବିଶ୍ୱାସ ଦେଇଥିବାରୁ ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜୟୀ ହୋଇଥିଲେ। ୨୦୨୨ ଜାନୁୟାରୀ ୨୩ରେ ରାଜଶ୍ରୀ କାକଟପୁର ବ୍ଲକ ଅନ୍ତର୍ଗତ ସିଙ୍ଘାପାଳ ଗ୍ରାମର ଇଞ୍ଜିନିୟର ଶୁଭ୍ରକାନ୍ତଙ୍କୁ ବିବାହ କରିବେ। ୫ ବର୍ଷ ଧରି ମହଲପଡା ପଞ୍ଚାୟତରେ ଥିବା ୧୮ଟି ୱାର୍ଡରେ ପ୍ରାୟ ଦେଢ଼ କୋଟି ଟଙ୍କାର କାର୍ଯ୍ୟ କରିଥିବା ସହ ରାସ୍ତାଘାଟ, ପିଇବା ପାଣି ସମସ୍ୟା ଆଦି କାର୍ଯ୍ୟ କରିଥିବାବେଳେ ଆଉ କେତେକ କାର୍ଯ୍ୟ ରହିଛି ବୋଲି ରାଜଶ୍ରୀ କହିଥିଲେ। ଜଣେ ବିଟେକ୍ ଛାତ୍ରୀ ଭାବେ ସର୍ବକନିଷ୍ଠ ସରପଞ୍ଚ ଦାୟିତ୍ୱ ନିଶ୍ଚିତ ଗୋଟିଏ ପରୀକ୍ଷାମୂଳକ ଥିବା ସରପଞ୍ଚ ରାଜଶ୍ରୀ ପରିଡ଼ା କହିଛନ୍ତି ।

## ଶ୍ରୀମନ୍ଦିର ଦର୍ପଣିଆ ନିଯୋଗର ପ୍ରଶିକ୍ଷଣ ଶିବିର

ପୁରୀ ଅଫିସ,୨୧।୧

ବାଲିହରଚଣ୍ଡୀ ପୀଠ ନିକଟସ୍ଥ ଶ୍ରୀ ଚନ୍ଦନ ହଜୁରୀ ବଗିଚା ପରିସରରେ ଶ୍ରୀମନ୍ଦିର ଦର୍ପଣିଆ ନିଯୋଗର ଏକ ଦିବସୀୟ ପ୍ରଶିକ୍ଷଣ ଶିବିର କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଶ୍ରୀମନ୍ଦିର ପୁରୋହିତ ତଥା ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ସିଦ୍ଧେଶ୍ୱର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦର୍ପଣିଆ ନିଯୋଗ ଉପରେ ବିଭିନ୍ନ ମାର୍ଗ ଦର୍ଶନ ପ୍ରଦାନ କରିଥିଲେ। ମହାପ୍ରଭୁଙ୍କ ସେବକ କିପରି ସମର୍ପଣ ଭାବ ରଖି ସେବା କରି ନିଜର ବ୍ୟକ୍ତିତ୍ୱ ବଳରେ ସମାଜରେ ଆର୍ଦଶ ମଣିଷ ରୂପେ ସମସ୍ତଙ୍କ ଶ୍ରଦ୍ଧା ଓ ଭକ୍ତିଭାଜନ ହୋଇପାରିବ ସେସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଶିକ୍ଷଣ ଶିବିରରେ ନିଯୋଗର ସଭାପତି ଶ୍ୟାମସୁନ୍ଦର ବେଜ ଶ୍ରୀମନ୍ଦିର ପରମ୍ପରା ବିଧିରେ ସମୟାନୁବର୍ତ୍ତିତା ରକ୍ଷାକରି ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ କୌଣସି ଡାକରାକୁ ଅପେକ୍ଷା ନ କରି ଦର୍ପଣିଆ ସେବକ ବା ପାଳିଆ ଉପସ୍ଥିତ ରହି ସେବା କରିବା ଉଚିତ ବୋଲି କହିଥିଲେ। ଶିବିର ଆରମ୍ଭ ପୂର୍ବରୁ ନିଯୋଗ ପକ୍ଷରୁ ମହାପ୍ରଭୁଙ୍କୁ ଶ୍ରୀଅଙ୍ଗଲାଗି ଅଧର ମାଳ, ମାହାର୍ଦ୍ଦ, ଗୁଣା ଆଦି ମା' ବାଲିହରଚଣ୍ଡୀଙ୍କୁ ସମର୍ପଣ କରାଯାଇଥିଲା। ଏହି ଅବସରରେ ମହାମାରୀ କରୋନା ବିଶ୍ୱରୁ ଲୋପ ସହ ସଂସାରର ମଙ୍ଗଳ କାମନା କରି ମା'ଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ଶିବିରରେ ନିଯୋଗର ସଦସ୍ୟ ଦାମୋଦର ବେଜ, ମନୋଜ କୁମାର ବେଜ, ଦାମୋଦର ବେଜ(ଖ), ଦାମୋଦର ବେଜ(ମଙ୍ଗୁ), ରାମଚନ୍ଦ୍ର ବେଜ, ପ୍ରଶାନ୍ତ ମାପିସ୍ତ, ଦିନବନ୍ଧୁ ବେଜ, ଚନ୍ଦ୍ରକାନ୍ତ ମାପିସ୍ତ, ଉଦୟନାଥ ବେଜ, ଅଜୟ ସାମନ୍ତରା, ବେଣୁଧର ମାପିସ୍ତ, ମାଧବ ମାପିସ୍ତ, ବାବୁଲି ମାପିସ୍ତ, ଲକ୍ଷ୍ମୀନାରାୟଣ ବେଜ, ସତ୍ୟ ନାରାୟଣ ବେଜ ଏବଂ ଭୀମସେନ ବେଜଙ୍କ ସମେତ ନିଯୋଗର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ନିଯୋଗ ସମ୍ପାଦକ ଶ୍ରୀକାନ୍ତ ବେଜ, ଶିଜେନ୍ଦ୍ର ବେଜ ଏବଂ ବିଜୟ ବେଜ ପରିଚାଳନା କରିଥିଲେ।

## ଅଲାରନାଥ ମହାବିଦ୍ୟାଳୟ ପରିସରରେ ଟିକାକରଣ

ପୁରୀ ଅଫିସ,୨୧।୧

ଅଲାରନାଥ ଧନ୍ଦାମୂଳକ ମହାବିଦ୍ୟାଳୟ ପରିସରରେ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲା ସଦର ମୁଖ୍ୟ ଚିକିତ୍ସାଳୟ ଏବଂ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହାୟତାରେ ଏହି ଟିକାକରଣ କାର୍ଯ୍ୟକ୍ରମ ହୋଇଥିଲା। ୧୫ରୁ ୧୮ ବର୍ଷ ମଧ୍ୟରେ ଥିବା କିଶୋରୀ କିଶୋରଙ୍କୁ ଟିକା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷା ତପସ୍ୱିନୀ ମିଶ୍ରଙ୍କ ସଭାପତିତ୍ୱରେ ଜିଲା ସଦର ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ ଡା. ପ୍ରବଣ ଶଙ୍କର ଦାଶ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରେବଣା ନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବୈଦ୍ୟନାଥ ମିଶ୍ର ଯୋଗଦେଇଥିଲେ। ଶିବିରକୁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଡ. ପ୍ରମୋଦ ଦଳାଇ, ଡ. କଲ୍ୟାଣୀ ନନ୍ଦୀ ଏବଂ ବିଶ୍ୱଜିତ ଦାଶ ପ୍ରମୁଖ ସହଯୋଗ କରିଥିଲେ।

## ବୃଦ୍ଧଙ୍କ ମୃତଦେହ ଜବତ

ନିମାପଡ଼ା,୨୧।୧(ଡି.ଏନ୍.ଏ.)

ନିମାପଡ଼ା ଥାନା ଅନ୍ତର୍ଗତ ୧୦ନଂ. ୱାର୍ଡ ଅଲନ୍ଧାଗ୍ରାମ ନିକଟସ୍ଥ ଏକ ସଫେଇ କୂଳରୁ ଜଣେ ବୃଦ୍ଧଙ୍କ ମୃତଦେହ ଗୁରୁବାର ପୋଲିସ ଜବତ କରିଛି। ସେ ହେଲେ ଏହି ଥାନା ଅଧୀନ ଅଲଣ୍ଡା ପଞ୍ଚାୟତ ତାଳତଅଁଳା ଗ୍ରାମର ପ୍ରାଣକୃଷ୍ଣ ପରିଡ଼ା(୬୫)। ଏ ନେଇ ତାଙ୍କ ପୁଅ ଶିବ କୁମାରଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଅଲନ୍ଧାଗ୍ରାମର ସଫେଇ କୂଳ ନିକଟରେ ଗୁରୁବାର ଏକ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଏହି ସମୟରେ ଶିବ ସେଠାରେ ପହଞ୍ଚି ମୃତଦେହ ନିଜ ବାପାଙ୍କର ବୋଲି ଚିହ୍ନଟ କରିଥିଲେ। ପରେ ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଯିବ ବୋଲି ପୋଲିସ କହିଛି।

## ଗାଁ ମାଟିରେ ବିଶ୍ୱ ରେକର୍ଡ ଅଧିକାରୀ କମଳାକାନ୍ତଙ୍କୁ ସ୍ୱାଗତ

ପୁରୀ ଅଫିସ/ବ୍ରହ୍ମଗିରି, ୨୧।୧(ଡି.ଏନ୍.ଏ.)

ବିଶ୍ୱ ରେକର୍ଡଧାରୀ କମଳାକାନ୍ତ ନାୟକଙ୍କୁ ସାମାଜିକ ଅନୁଷ୍ଠାନ ଉର୍ଜାବାନ ଓଡ଼ିଶା ପକ୍ଷରୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ନିଆଳପୁର ଗ୍ରାମର ଦିବ୍ୟାଙ୍ଗ ଯୁବକ ହେଉଛନ୍ତି କମଳାକାନ୍ତ ନାୟକ। ସେ ୨୪ ଘଣ୍ଟା ମଧ୍ୟରେ ୨୧୫ କିଲୋମିଟର ଅତିକ୍ରମ କରି ସମଗ୍ର ରାଜ୍ୟ ସମେତ ପୁରୀ ଜିଲା ପାଇଁ ଗୌରବ ଆଣିଛନ୍ତି। ପ୍ରଥମେ ପୁରୀରୁ ଗାଁକୁ ଫେରିବା ପରେ ବାଇକ୍ ଶୋଭାଯାତ୍ରାରେ ତାଙ୍କୁ ପାଛୋଟି ନିଆଯାଇଥିଲ। ସେଠାରୁ ପ୍ରଭୁ ଅଲରାନାଥଙ୍କୁ ଦର୍ଶନ କରି ଗାଁକୁ ଯାଇଥିଲେ। ତାଙ୍କ ଦୃଢ଼ ଇଚ୍ଛାଶକ୍ତି ଯୋଗୁ ଏହା ସମ୍ଭବ ହୋଇପାରିଛି। କମଳାକାନ୍ତଙ୍କ କାର୍ଯ୍ୟକୁ ସମ୍ମାନ ଜଣାଇ ଉର୍ଜାବାନ ଓଡ଼ିଶା ପକ୍ଷରୁ ସଂଗଠନ ସଭାପତି ସନ୍ତୋଷ ସେନାପତି ଉତ୍ତରୀୟ ସହ ପୁଷ୍ପଗୁଚ୍ଛ ପ୍ରଦାନ କରି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ କମଳାକାନ୍ତ କହିଥିଲେ, ସଂଘର୍ଷରୁ ସଫଳତା ପ୍ରାପ୍ତି କରିବା ଏକମାତ୍ର ଲକ୍ଷ୍ୟ ଥିଲା। ଯାହା ନିଜ ଅଞ୍ଚଳକୁ ସମଗ୍ର ବିଶ୍ୱ ଦରବାରରେ ପରିଚିତ କରିବାକୁ ତାଙ୍କର ଏହି ପ୍ରୟାସ ପାଇଁ ଖୁସି ଅନୁଭବ କରୁଛନ୍ତି। କାର୍ଯ୍ୟକ୍ରମରେ ସଂଗଠନର ସମ୍ପାଦିକା ନୀହାରିକା ତ୍ରିପାଠୀ, ଜିତେନ୍ଦ୍ର ପାତ୍ର, ଧନେଶ୍ୱର ପାତ୍ର, ଦୁଷ୍ମନ୍ତ ପ୍ରଧାନ ଏବଂ ବିଶ୍ୱଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଆକ୍ରମଣ ଘଟଣାରେ ଜଣେ ଗିରଫ

ପୁରୀ ଅଫିସ,୨୧।୧

ସମୁଦ୍ରକୂଳ ଥାନା ଅନ୍ତର୍ଗତ ରାମ ମନ୍ଦିର ନିକଟ ସାଲବେଗ ସାହିରେ ଗୁରୁବାର ସନ୍ଧ୍ୟା ସମୟରେ ପୂର୍ବ ଶତ୍ରୁତାକୁ ନେଇ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ସାଲବେଗ ସାହିର ବି. କାଳିଆ ରେଡ୍ଡୀ(୪୦)। ପୋଲିସ ଅଭିଯୁକ୍ତଙ୍କଠାରୁ ଆକ୍ରମଣରେ ବ୍ୟବହୃତ ହୋଇଥିବା ଛୁରି ଜବତ କରିଛି। ଏ ନେଇ ପୋଲିସ ନଂ. ୧୧/୨୨ରେ ଏକ ମାମଲା ରୁଜୁ କରିଛି । ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ରାତିରେ ସାଲବେଗ ସାହିର ସ୍ୱର୍ଗତ ବି. ବୁଧିଆ ରେଡ୍ଡୀଙ୍କ ପୁଅ କାଳିଆ ରେଡ୍ଡି ଏବଂ ତାଙ୍କ ଭାଇ ସନ୍ତୋଷ ପୂର୍ବ ଶତ୍ରୁତାକୁ ନେଇ ସାହିର ବି.ରଘୁପତି ରେଡ୍ଡୀଙ୍କ ପୁଅ କାଳିଆ ରେଡ୍ଡୀଙ୍କୁ ଆକ୍ରମଣ କରିବା ସହ ଧମକ ଦେଇଥିଲେ। ଆକ୍ରମଣରୁ କାଳିଆଙ୍କୁ ରକ୍ଷା କରିବା ପାଇଁ ସାହିର ଆର୍.ମଙ୍ଗୁଳି ରେଡ୍ଡୀ ଏବଂ କାଳିଆଙ୍କ ସ୍ତ୍ରୀ ମାୟା ଚେଷ୍ଟା କରିଥିଲେ। ତେବେ ଅଭିଯୁକ୍ତ କାଳିଆ ଏକ ଛୁରି ଆଣି ଉଭୟ ମଙ୍ଗୁଳି ଏବଂ ମାୟାଙ୍କୁ ଆକ୍ରମଣ କରିଥିଲା। ଫଳରେ ଦୁଇଜଣ ଗୁରୁତର ଆହତ ହୋଇ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଏ ନେଇ ମଙ୍ଗୁଳିଙ୍କ ମାଆ ଆର୍. ରୁକ୍ମଣୀ ରେଡ୍ଡୀ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ତଦନ୍ତ କରି ଅଭିଯୁକ୍ତ କାଳିଆଙ୍କୁ ଗିରଫ କରିଥିଲେ।


ପୁରୀ-ବ୍ରହ୍ମଗିରି ରାସ୍ତାକଡ଼ରେ ଏକ ବିଲ ମଧ୍ୟରେ ଖାଦ୍ୟ ଅନ୍ୱେଷଣରେ ଆସିଥିବା ବିଦେଶୀ ପକ୍ଷୀ।


ପୁରୀର ସାମାଜିକ ଅନୁଷ୍ଠାନ ଉର୍ଜାବାନ ଓଡ଼ିଶା ପକ୍ଷରୁ ଶୁକ୍ରବାର ବିଶ୍ୱ ରେକର୍ଡଧାରୀ ହ୍ୱିଲ୍ ମାରାଥନର୍ କମଳାକାନ୍ତ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।


ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ସପ୍ତାହ ପାଳନ ଅବସରରେ ଶୁକ୍ରବାର ବାରବାଟୀ ଷ୍ଟାଡିୟମରେ ପତଞ୍ଜଳି ଯୋଗପୀଠ ପରିବାର କଟକ ପକ୍ଷରୁ ଅନୁଷ୍ଠିତ ସାମୂହିକ ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମରେ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି।

# ପିଲାଙ୍କ ଭିତରେ ବକ୍ସିଂ ପ୍ରତିଭା ଜାଗ୍ରତ ଲକ୍ଷ୍ୟ

*ପିଲାଙ୍କ ଭବିଷ୍ୟତ କଥା ଉଠିଲେ ଅଭିଭାବକମାନେ ସବୁବେଳେ ଶିକ୍ଷାକୁ ପ୍ରଥମ ବିକଳ୍ପ ଭାବେ ଦେଖନ୍ତି। କାଁ ଭାଁ କିଛି ଅଭିଭାବକ ନିଜ ପିଲାଙ୍କ ଭବିଷ୍ୟତ କ୍ରୀଡ଼ାକ୍ଷେତ୍ରରେ ଦେଖିବାକୁ ପସନ୍ଦ କରିଥାନ୍ତି। ହେଲେ କ୍ରୀଡ଼ା କ୍ଷେତ୍ରରେ ଥିବା ଦୁର୍ବଳ ଭିତ୍ତିଭୂମି ଓ ଅନିଶ୍ଚିତତା ଅନେକ ସମୟରେ ପିଲାଙ୍କ ଦକ୍ଷତାକୁ ସଙ୍କୁଚିତ କରିଥାଏ। ଏଭଳି ସ୍ଥିତିରେ କିଛି ଲୋକ ଅଛନ୍ତି, ଯେଉଁମାନେ ସେମାନଙ୍କ ପ୍ରଚେଷ୍ଟା ବଳରେ ପିଲାଙ୍କ କ୍ରୀଡ଼ା ଦକ୍ଷତାକୁ ପରିସ୍ଫୁଟିତ କରିବା ପ୍ରଚେଷ୍ଟା ଜାରି ରଖିଛନ୍ତି।*


ସୁଦର୍ଶନ ସାହୁ ବକ୍ସିଂ ପ୍ରଶିକ୍ଷଣ ଦେଉଛନ୍ତି।

- ବସ୍ତି ପିଲାଙ୍କୁ ମାଗଣା ପ୍ରଶିକ୍ଷଣ ଦେଉଛନ୍ତି ସୁଦର୍ଶନ
- ୫୦୦ରୁ ଊର୍ଦ୍ଧ୍ୱ ପିଲା ନେଲେଣି ପ୍ରଶିକ୍ଷଣ

**ପୁରୀ ଅଫିସ,୨୧।୧**

ପୁରୀ ସହରରେ ଏକ ବେସରକାରୀ କ୍ରୀଡ଼ା ଅନୁଷ୍ଠାନ ରହିଛି, ଯାହାକି ବକ୍ସିଂ ଖେଳୁଥିବା ପ୍ରତିଭାଙ୍କ ପାଇଁ ଏକ ସୁଯୋଗ ସୃଷ୍ଟି କରିଛି। ୨୦୧୧-୧୨ରେ ପ୍ରଶିକ୍ଷକ ସୁଦର୍ଶନ ସାହୁଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପୁରୀ ବକ୍ସିଂ ଏକାଡେମୀରେ ବିଭିନ୍ନ ବର୍ଗର ପିଲାଙ୍କୁ ମାଗଣା ବକ୍ସିଂ ଶିକ୍ଷା ଦିଆଯାଉଛି। ବିଶେଷକରି ଆର୍ଥିକ ଅନଟନ ଯୋଗୁ ପାଠ ଛାଡ଼ି ସାରିଥିବା ପିଲାଙ୍କ ମଧ୍ୟରେ ପ୍ରତିଭା ଚୟନ କରିବାର ଦାୟିତ୍ୱ ମୁଣ୍ଡାଇଛନ୍ତି ଏକାଡେମୀର ମୁଖ୍ୟ କୋଚ୍ ସୁଦର୍ଶନ। ପୁରୀ ସହରର ଅନେକ ବସ୍ତି ଓ ସାହି ଗଳିକନ୍ଦିରେ ପିଲାଙ୍କୁ ଚୟନ କରି ବକ୍ସିଂ ଖେଳିବା ପାଇଁ ସେ ପ୍ରୋତ୍ସାହିତ କରୁଛନ୍ତି। ଗ୍ଲୋଭ୍ସ, ପ୍ୟାଡ୍ ଭଳି ଉପକରଣର ସମସ୍ତ ଖର୍ଚ୍ଚ ସେ ନିଜେ ବହନ କରୁଛନ୍ତି। ଅତ୍ୟାଧୁନିକ ଉପକରଣ ନ ଥାଇ ପୁରୀ ଇନ୍‌ଡୋର୍ ଷ୍ଟାଡିୟମ୍ ମଧ୍ୟରେ ପିଲାଙ୍କୁ ଏହି କ୍ରୀଡ଼ାର ତାଲିମ ଦିଆଯାଉଛି। ପାଠପଢ଼ା ଛାଡ଼ି ସାରିଥିବା ଅନେକ ପିଲା ବକ୍ସିଂକୁ ଏବେ ସେମାନଙ୍କ ଜୀବନର ବ୍ରତ ଭାବେ ଗ୍ରହଣ କରିସାରିଲେଣି। ସୁଦର୍ଶନ ସର୍ ଯେଉଁ ସ୍ୱପ୍ନ ଦେଖାଇଛନ୍ତି, ତାହା ଜୀବନକୁ ଏକ ନୂଆ ଦିଶା ଦେବ ଓ ବକ୍ସିଂର ମାନ୍ୟତା ଦେବ, ସେହି ଆଶା ନେଇ ମନପ୍ରାଣ ଲଗାଇ ବକ୍ସିଂ ଅଭ୍ୟାସ କରୁଛନ୍ତି ୫୦ରୁ ଊର୍ଦ୍ଧ୍ୱ ବକ୍ସର।

ସୁଦର୍ଶନଙ୍କ ମତରେ ବକ୍ସିଂ ଆର୍ଥିକ ସ୍ୱଚ୍ଛଳତା ଥିବା ପିଲାଙ୍କ କ୍ରୀଡ଼ା ଭାବେ ଜଣାଶୁଣା। ଏଥିପାଇଁ ଅନେକ ପ୍ରତିଭା ଲୋକଲୋଚନକୁ ଆସିବା ପୂର୍ବରୁ ହିଁ ନଷ୍ଟ ହୋଇ ଯାଉଛନ୍ତି। ପୁରୀ ସହରର ପିଲାଙ୍କୁ ତାଲିମ ଦେଇ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ପ୍ରତିନିଧିତ୍ୱ କରାଯାଇପାରିବ। ଏହା ଆଦୌ କଷ୍ଟକର ନୁହେଁ। ପିଲାଙ୍କ ଭିତରେ ବକ୍ସିଂକୁ ନେଇ ଉନ୍ମାଦନା ଭରି ରହିଛି। ମାତ୍ର ଅଭାବ ହେଉଛି କେବଳ ସରକାରୀ ପ୍ରୋତ୍ସାହନ। ବେସରକାରୀ ଅନୁଷ୍ଠାନ ଭାବେ ଆମେ ଆମର ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଛୁ। ଅଲ୍ ଇଣ୍ଡିଆ ଓପନ୍ ସବଜୁନିୟର୍ସ, ଖେଲୋ ଇଣ୍ଡିଆ, ସ୍କୁଲ ବକ୍ସିଂରେ ନ୍ୟାଶନାଲ ଓ ଅଲ୍ ଇଣ୍ଡିଆ ଓପନ୍ ବକ୍ସିଂରେ ଆମ ଏକାଡେମୀର ପିଲାମାନେ ସଫଳତା ପାଇସାରିଛନ୍ତି। ଏହି ସଫଳତା ପିଲାଙ୍କ ଦକ୍ଷତା ଓ ପାରିବାପଣିଆକୁ ପ୍ରମାଣିତ କରୁଛି। ପିଲାମାନେ ସୁଷମ ଖାଦ୍ୟ ଖାଇବେ, ହଷ୍ଟେଲରେ ରହିବେ ଓ ବକ୍ସିଂ କରିବେ। ସରକାର ଏହି ଦିଗରେ ଧ୍ୟାନ ଦେଲେ ବିଶ୍ୱର ଟାଣୁଆ ବକ୍ସର ପୁରୀ ମାଟିରୁ ତିଆରି ହେବେ। ସେହିଭଳି ପିଲାଙ୍କ ତାଲିମ ସମ୍ପର୍କରେ ସୁଦର୍ଶନ କହିଛନ୍ତି, ସ୍କିପିଂ, ୱେଟ୍ ଟ୍ରେନିଂ, ପଞ୍ଚିଂ ଭଳି ଅଭ୍ୟାସ ନିୟମିତ କରାଯାଉଥିବା ବେଳେ ଅନ୍ୟ ଶାରୀରିକ ଅଭ୍ୟାସ ମଧ୍ୟ କରାଯାଉଛି। ସ୍ୱର୍ଣ୍ଣଲତା ଛୁଆଳସିଂ ନାମକ ଜଣେ ମହିଳା କୋଚ୍ ମଧ୍ୟ ନିଯୁକ୍ତ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ୫ଶହରୁ ଊର୍ଦ୍ଧ୍ୱ ପିଲାଙ୍କୁ ବକ୍ସିଂ ଶିକ୍ଷା ପ୍ରଦାନ କରାଇସାରିଛୁ। ଏମାନଙ୍କ ମଧ୍ୟରୁ ଅତି କମ୍‌ରେ ୫ଜଣ ପ୍ରତିବର୍ଷ ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରୁଛନ୍ତି। ଅକ୍ଷୟ ନାୟକ ଅଲ୍ ଇଣ୍ଡିଆ ଓପନ୍ ସବ୍‌ଜୁନିୟରରେ, ସୁବ୍ରତ ପ୍ରଧାନ ସ୍କୁଲ୍ ନ୍ୟାଶନାଲରେ, ସ୍ମାରକ ରଞ୍ଜନ ସାହୁ ଖେଲୋ ଇଣ୍ଡିଆ ଓ ଅଲ୍ ଇଣ୍ଡିଆ ଓପନ୍ ବକ୍ସିଂରେ ମେଡାଲ୍ ପାଇଛନ୍ତି। ଏଭଳି ଅନେକ ପ୍ରତିଭା ପଛରେ ଆମେ ଦୌଡୁଛୁ। ସେହିଭଳି ବସ୍ତି ଅଞ୍ଚଳରୁ ଆସୁଥିବା ପିଲାଙ୍କୁ ପ୍ରଥମେ ପ୍ରୋତ୍ସାହିତ କରି ବକ୍ସିଂ ପାଇଁ ଆଣିଥାଉ। ପରେ ସେମାନଙ୍କ ବକ୍ସିଂରେ ମନ ଲାଗିଯିବା ପରେ ସ୍କୁଲ ଯିବା ପାଇଁ ବାଧ୍ୟ କରିଥାଉ। ସ୍କୁଲ ନ ଗଲେ ବକ୍ସିଂ ତାଲିମ ମଧ୍ୟ ଦିଆଯିବ ନାହିଁ ବୋଲି କୁହାଯାଏ। ପରେ ବାଧ୍ୟ ହୋଇ ପିଲାମାନେ ସ୍କୁଲକୁ ଫେରନ୍ତି ଓ ପାଠ ପଢ଼ନ୍ତି। ଏସବୁରେ ବହୁ ଆତ୍ମସନ୍ତୋଷ ମିଳେ ବୋଲି ସୁଦର୍ଶନ କହିଛନ୍ତି। ଗୁହାହାଟୀ ସିଲଂର ନ୍ୟାଶନାଲ୍ ବକ୍ସିଂ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଅକ୍ଷୟ ନାୟକ କହିଛନ୍ତି ଯେ, ହରିଜନ ବସ୍ତିରୁ ବାହାରି ସ୍ୱର୍ଣ୍ଣପଦକ ଜିତିବା ଛୋଟ କଥା ନୁହେଁ। ଏଭଳି ସଫଳତା ପାଇବା ମୋ ସ୍ୱପ୍ନ ବାହାରେ ଥିଲା। ସୁଦର୍ଶନ ସାର୍‌ଙ୍କ ପ୍ରୟାସରେ ଦିନେ ବସ୍ତିରୁ ବାହାରି ଆସି ଏଇଠି କୋଚିଂ ଆରମ୍ଭ କଲି। ପରେ ପଢ଼ିବା ପାଇଁ ମଧ୍ୟ ପ୍ରେରଣା ମିଳିଲା। ଯାହା ପାଇଛି ସବୁ ଏହି ଏକାଡେମୀର ଅବଦାନ।

## ସଂକ୍ଷେପରେ

### ୬୪ ଛାତ୍ରୀଛାତ୍ରଙ୍କୁ କୋଭିଡ୍ ଟିକା

**କଟକ ସଦର,୨୧।୧(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କଲେଜ ଯୁକ୍ତ ୨ ଶ୍ରେଣୀର ୬୪ ଜଣ ଛାତ୍ରୀଛାତ୍ରଙ୍କୁ ଗୁରୁବାର କୋଭିଡ୍ ଟିକା ଦିଆଯାଇଥିଲା। କଲେଜ ପରିସରରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପାରାମେଡିକାଲ ଷ୍ଟାଫ ଟିକା ଦେଇଥିଲେ। ଅଧ୍ୟକ୍ଷ ସାରଦା ପ୍ରସନ୍ନ ମହାପାତ୍ର, ଅଧ୍ୟାପକ ପ୍ରଦୀପ୍ତ କୁମାର ବିଶ୍ୱାଳ, ସଂଗ୍ରାମ କେଶରୀ ଜଗଦେବ ଓ ପ୍ରାଧ୍ୟାପକ ବିଜୟ କୁମାର ପାତ୍ର ଶିବିର ପରିଚାଳନା କରିଥିଲେ।

### ମିହିରଙ୍କ ସ୍ମୃତି ଦର୍ଶକଙ୍କ ହୃଦୟରେ ଉଜ୍ଜୀବିତ ରହିବ

**କଟକ ଅଫିସ, ୨୧।୧:** ମିହିର ଦାସ ଜଣେ ଭଲ ମଣିଷ ଥିଲେ। ପ୍ରାୟ ୪ ଦଶନ୍ଧି ହେବ ଅଭିନୟ କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ରହିଥିଲା। ଅଭିନୟ ମାଧ୍ୟମରେ ସେ ଦର୍ଶକଙ୍କ ମନୋରଞ୍ଜନ କରିପାରୁଥିଲେ। ଏଣୁ ତାଙ୍କର ସ୍ମୃତି ସମସ୍ତ ଦର୍ଶକଙ୍କ ହୃଦୟରେ ଉଜ୍ଜୀବିତ ରହିବ ବୋଲି ଶୁକ୍ରବାର ଆୟୋଜିତ ଅନ୍‌ଲାଇନ ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଭିନେତା ମିହିର ଦାସଙ୍କ ଏକାଦଶାହ ଅବସରରେ ସେଣ୍ଟର ଫର ଆଦିବାସୀ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଆଲୁମ୍‌ନି ଆସୋସିଏସନର ମିଳିତ ଆନୁକୁଲ୍ୟରେ ଅନ୍‌ଲାଇନ୍ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ 'ନାଟକର ନାଁ ରେଭେନ୍‌ଶା, ନାୟକର ନାଁ ମିହିର' ଶୀର୍ଷକରେ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟଅତିଥି ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ଯୋଗଦେଇଥିଲେ। ଡ଼ ବିକ୍ରମ କିଶୋର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଲେଖକ ଦୋଳଗୋବିନ୍ଦ ରଥ, ଅଭିନେତା ଅଶ୍ରୁମୋଚନ ମହାନ୍ତି, ବିକ୍ରମ ଦାସ, ବିରେନ ମିଶ୍ର, ଅନନ୍ତ ଭାରତୀ, ଅଧ୍ୟାପକ ରୁଦ୍ରନାରାୟଣ ଦାଶ, ସୁଷମା ପାତ୍ର ଓ ପ୍ରଫେସର ସଙ୍ଗୀତା ରଥ ପ୍ରମୁଖ ଯୋଗଦେଇ ମିହିର ଦାସଙ୍କ ସ୍ମୃତି ଚାରଣ କରିଥିଲେ।



ନେତାଜୀ ଜୟନ୍ତୀ ଉପଲକ୍ଷେ କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ଆଲୋକମାଳାରେ ସଜା ଯାଇଛି।

## ପ୍ରଦର୍ଶିତ ହେବ ନେତାଜୀଙ୍କ ଜୀବନୀ ଆଧାରିତ ପ୍ରତିକୃତି

- ଆଲୋକରେ ଝଲସୁଛି ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ
- ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହିବ

**କଟକ ଅଫିସ, ୨୧।୧**

ଆସନ୍ତା ୨୩ ତାରିଖରେ ନେତାଜୀ ସୁଭାସ ଚନ୍ଦ୍ର ବୋଷଙ୍କ ୧୨୫ ତମ ଜୟନ୍ତୀ ପାଳନ କରାଯିବ। ଏଥିପାଇଁ କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ନେତାଜୀ ଜୟନ୍ତୀକୁ କୋଭିଡ କଟକଣା ମଧ୍ୟରେ ନିରାଡମ୍ବରେ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଚଳିତବର୍ଷ ସଂଗ୍ରହାଳୟକୁ ରଙ୍ଗବେରଙ୍ଗର ଆଲୋକ ସହ ବିଭିନ୍ନ ଫୁଲରେ ସଜ୍ଜିତ କରାଯାଇଛି। ଫଳରେ ଆସନ୍ତା ରବିବାର ରାତି ୯ଟା ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ସଂଗ୍ରହାଳୟ ଖୋଲା ରହିବ ବୋଲି ସଂଗ୍ରହାଳୟର ତତ୍ତ୍ୱାବଧାରକ ଜଳେନ୍ଦ୍ର ପ୍ରସାଦ ରାୟ ସୂଚନା ଦେଇଛନ୍ତି। ଉକ୍ତ ଦିନ ପୂର୍ବାହ୍ନ ସାଢେ ୧୦ଟାରେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ମଧୁସୂଦନ ପାଢୀ, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତିବର୍ଷ ନେତାଜୀ ଜୟନ୍ତୀ ଅବସରରେ ସଂଗ୍ରହାଳୟରେ ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ କରାଯାଇଥାଏ। ହେଲେ ଚଳିତବର୍ଷ ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମୂର୍ତ୍ତିକା ଶିଳ୍ପୀଙ୍କୁ ନେଇ ଭାସ୍କର୍ଯ୍ୟ ଶିବିର କରାଯାଇଛି। ଏଥିରେ ସହରର ୧୫ ଜଣ ଶିଳ୍ପୀ ନେତାଜୀଙ୍କ ଜୀବନୀ ଉପରେ ଆଧାରିତ ଭିନ୍ନ ପ୍ରତିକୃତି ତିଆରି କରିଛନ୍ତି। ସେଗୁଡିକ ନେତାଜୀ ଜୟନ୍ତୀରେ ପ୍ରଦର୍ଶିତ ହେବ। ଏଭଳି କାର୍ଯ୍ୟ ପ୍ରଥମଥର କରାଯାଉଛି। ଏଥିରେ କଟକର ଶିଳ୍ପୀମାନଙ୍କୁ ସାମିଲ କାରଯାଇଥିବାରୁ ଗୌରବ ଅନୁଭବ କରୁଛି ବୋଲି ଶିଳ୍ପୀ କେଦାରନାଥ ବେହେରା କହିଛନ୍ତି।

## ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୧୪ ବର୍ଷ ଜେଲ

**କଟକ ଅଫିସ,୨୧।୧**

ନାବାଳିକା ଅପହରଣ ଓ ବଳାତ୍କାର ମାମଲାରେ କଟକ ପୋକ୍‌ସୋ କୋର୍ଟ ଅଭିଯୁକ୍ତ ଆଲୋକ ଦେହୁରୀଙ୍କୁ ୧୪ ବର୍ଷ ଜେଲଦଣ୍ଡ ସହ ୧୦,୦୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ। ଏଥିସହ ପୀଡିତାଙ୍କୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ କଟକ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ୨୦୧୬ ଫେବୃୟାରୀ ୧୨ ରେ କଟକ ଜିଲା ବଡମ୍ବା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଆଲୋକ ଅପହରଣ କରି ନେଇ ବଳାତ୍କାର କରିଥିଲେ। ଏ ନେଇ ନାବାଳିକାଙ୍କ ବାପା ବଡମ୍ବା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସମସ୍ତ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ କୋର୍ଟ ଅଭିଯୁକ୍ତଙ୍କୁ ଦଣ୍ଡିତ କରିଛନ୍ତି। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## 'ରାଜ୍ୟ ସରକାରଙ୍କ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଅ'

**କଟକ ଅଫିସ,୨୧।୧**

ବିଜେଡିର କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ସିଡିଏସ୍ଥିତ ସାଇ କଣ୍ଟିନେଣ୍ଟାଲଠାରେ ଅନୁଷ୍ଠିତ ହୋଇଯାଇଛି। ନଗର ସଭାପତି ମଧୁସୂଦନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦଳର ଜିଲା ସଭାପତି ଦେବାଶିଷ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର ଯୋଜନାଗୁଡିକ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ମୁଖ୍ୟ ପର୍ଯ୍ୟବେକ୍ଷକ ବିଶ୍ୱଜିତ୍ ମହାନ୍ତି, ଜିଲା ବିଜୁ ମହିଳା ଜନତା ଦଳର ସଭାପତି ଅନିତା ବେହେରା, ରଞ୍ଜନ ବିଶ୍ୱାଳ, କଟକ ଜିଲା ଛାତ୍ର ବିଜେଡ଼ି ସଭାପତି ଆସିଫ୍ ଅମିନ, ନଗର ସଭାପତି ପୂର୍ଣ୍ଣିମା ସିଂ, ପୂର୍ବତନ କର୍ପୋରେଟର ସଂଯୁକ୍ତା ସାହୁ, ଗଦାଧର ସାହୁ, ନିରୁପମା ପାଢୀ, ସଞ୍ଜୟ ଦାସ, ପ୍ରେମାନନ୍ଦ ଦାସ ପ୍ରମୁଖ ଯୋଗଦେଇଥିଲେ। ପ୍ରଭାତ ଦାସ ଧନ୍ୟବାଦ ଦେଇଥିଲେ।

## ଡିଜିଟାଲ ଜାତି ପ୍ରମାଣପତ୍ର ନ ଥିବାରୁ ପ୍ରାର୍ଥୀ ହଟହଟା

**କଟକ ସଦର, ୨୧।୧(ଡି.ଏନ.ଏ.)**

କଟକ ସଦର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ୮ ବ୍ଲକର ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବାକୁ ଶୁକ୍ରବାର ଆସିଥିଲେ। ସଂରକ୍ଷିତ ଆସନରେ ନିର୍ବାଚନ ଲଢିବା ପାଇଁ ଆସିଥିବା ବହୁ ପ୍ରାର୍ଥୀ ହଟହଟା ହୋଇଥିବା ଦେଖିବାକୁ ମିଳିଥିଲା। କାରଣ ଏମାନେ ପୁରୁଣା ହସ୍ତଲିଖିତ ଜାତି ପ୍ରମାଣପତ୍ର ସାଙ୍ଗରେ ଆଣିଥିଲେ। କିନ୍ତୁ ଅଧିକାରୀମାନେ ଡିଜିଟାଲ ଜାତି ପ୍ରମାଣପତ୍ର ଦାଖଲ ପାଇଁ କହିଥିଲେ। ଯେଉଁଥିରେ ବାର୍‌କୋଡ୍ ରହିଥିବ। ପରେ ଅନେକ ପ୍ରାର୍ଥୀ ସତ୍ୟପାଠ ଜରିଆରେ ନିଜର ଜାତି ପ୍ରମାଣପତ୍ର ଠିକ ଥିବା ଦର୍ଶାଇଛନ୍ତି। ଶନିବାର ନାମାଙ୍କନପତ୍ର ଯାଞ୍ଚ ହେବ। ତେଣୁ ଏଭଳି ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାୟମ ରହିବ କି ନାହିଁ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନିର୍ଦ୍ଧାରଣ ସଂଖ୍ୟା ଆର୍‌ଡିଏମ୍-ଜିଓଇବି-ମିସ୍-୦୦୩୯-୨୦୧୫-୩୫୮୭୫/ଆର୍ ଆଣ୍ଡ ଡିଏମ୍/୨୪।୯।୨୦୧୮ ଅନୁଯାୟୀ, ଜଣେ ତଫସିଲଭୁକ୍ତ ବ୍ୟକ୍ତି ଥରେ ଜାତି ପ୍ରମାଣପତ୍ର ବାହାର କରିଥିଲେ ତାହା ସବୁ କାମରେ ଆସିବ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ତପୁ


@ ରାଜା


@ ସତ୍ୟବ୍ରତ


@ ଆଜାଦ୍


@ ଆଶୁ


@ ମୁସ୍କାନ

## ସୂର୍ଯ୍ୟ ନମସ୍କାର ମାଧ୍ୟମରେ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି

**କଟକ ଅଫିସ, ୨୧।୧**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ସପ୍ତାହ ପାଳନ ଅବସରରେ କଟକ ବାରବାଟୀ ଷ୍ଟାଡିୟମଠାରେ ସାମୂହିକ ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପତଞ୍ଜଳି ଯୋଗପୀଠ ପରିବାର କଟକ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତ ସ୍ୱାଭିମାନର ଓଡ଼ିଶା ପ୍ରଦେଶ ପ୍ରଭାରୀ ସୁଧାଂଶୁ ଶେଖର ଅଧିକାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ସ୍ୱାଧୀନତା ସଂଗ୍ରାମରେ ନେତାଜୀଙ୍କ ଅବଦାନ ଅତୁଳନୀୟ। ଦେଶରେ ୭୫ତମ ସ୍ୱାଧୀନତା ଦିବସକୁ ଅମୃତ ମହୋତ୍ସବ ଭାବେ ପାଳନ କରାଯାଉଛି। ଏହି ଅବସରରେ କଟକ ଜିଲା ପତଞ୍ଜଳି ଯୋଗ ପରିବାର ପକ୍ଷରୁ ସୂର୍ଯ୍ୟ ନମସ୍କାର ମାଧ୍ୟମରେ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି ବୋଲି ଅଧିକାରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ପତଞ୍ଜଳି ଯୋଗ ସମିତି ସହପ୍ରଭାରୀ ପୃଥ୍ୱୀରାଜ ପ୍ରଧାନ, ରାଜ୍ୟ କାର୍ଯ୍ୟାଳୟ ପ୍ରଭାରୀ ସୂର୍ଯ୍ୟକାନ୍ତ ମହାନ୍ତି, ଜିଲା ପ୍ରଭାରୀ ସୁନୀଲ ଶର୍ମା, ନିମାଁଇ ଚରଣ ଜେନା, ସ୍ୱରୁପ ସାହୁ, ଅବିନାଶ କେଡ଼ିଆ, ଆଶିଷ ହଳଧର, କୃତିବାସ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଶିଶିର କୁମାର ଜେନା ଧନ୍ୟବାଦ ଦେଇଥିଲେ।


ପୁରୀ-ବ୍ରହ୍ମଗିରି ରାସ୍ତାକଡ଼ରେ ଏକ ବିଲ ମଧ୍ୟରେ ଖାଦ୍ୟ ଅନ୍ୱେଷଣରେ ଆସିଥିବା ବିଦେଶୀ ପକ୍ଷୀ।


ପୁରୀର ସାମାଜିକ ଅନୁଷ୍ଠାନ ଉର୍ଜାବାନ ଓଡ଼ିଶା ପକ୍ଷରୁ ଶୁକ୍ରବାର ବିଶ୍ୱ ରେକର୍ଡଧାରୀ ହ୍ୱିଲ୍ ମାରାଥନର୍ କମଳାକାନ୍ତ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।


ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ସପ୍ତାହ ପାଳନ ଅବସରରେ ଶୁକ୍ରବାର ବାରବାଟୀ ଷ୍ଟାଡିୟମରେ ପତଞ୍ଜଳି ଯୋଗପୀଠ ପରିବାର କଟକ ପକ୍ଷରୁ ଅନୁଷ୍ଠିତ ସାମୂହିକ ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମରେ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି।

## ଆଜି କ'ଣ କେଉଁଠି

କଟକ
- ସହରର ମୂର୍ତ୍ତି କାରିଗରଙ୍କ ପ୍ରଦର୍ଶନୀ, ନେତାଜୀ ମ୍ୟୁଜିୟମ, ଓଡ଼ିଆ ବଜାର, ପୂର୍ବାହ୍ନ ୧୦ଟା ୩୦।

## ସାଇବର ଠକେଇର ଶିକାର ହେଲେ ପୋଲିସ କର୍ମଚାରୀଙ୍କ ସ୍ତ୍ରୀ

**ଭୁବନେଶ୍ୱର, ୨୧।୧ (ବ୍ୟୁରୋ):** ରାଜ୍ୟରେ ସାଇବର ଠକେଇ ବଢ଼ି ଚାଲିଛି। ବାରମ୍ବାର ସଚେତନତା ସତ୍ତ୍ୱେ ଲୋକେ ସତର୍କ ହେଉନାହାନ୍ତି। ଏପଟେ ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ଗଠନ କରାଯାଇଥିବା ସାଇବର ସେଲ୍ ମଧ୍ୟ ଏଯାଏ ଏହି ଠକେଇ ରୋକିବାରେ ସଫଳ ହୋଇପାରିନି। ଫଳରେ ଓଡ଼ିଶାରେ ସାଇବର ଠକମାନେ ବେଶ୍ ସକ୍ରିୟ ହୋଇପଡିଥିବାବେଳେ ଏବେ ରାଜଧାନୀରେ ଜଣେ ପୋଲିସ କର୍ମଚାରୀଙ୍କ ସ୍ତ୍ରୀ ସାଇବର ଠକେଇର ଶିକାର ହୋଇଛନ୍ତି। କ୍ରେଡିଟ କାର୍ଡ ଅପ୍‌ଡେଟ୍ କରାଇବା ଆଳରେ ସାଇବର ଠକମାନେ ତାଙ୍କ ଆକାଉଣ୍ଟରୁ ୪୯ ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ତାଙ୍କ ସ୍ୱାମୀ ତଥା ରାଜ୍ୟ ଅପରାଧ ନିୟନ୍ତ୍ରଣ ସଂସ୍ଥାର କମ୍ପ୍ୟୁଟର ବିଭାଗରେ କାର୍ଯ୍ୟରତ ଏଏସ୍‌ଆଇ ବିଜୟ ବହଳି ଭୁବନେଶ୍ୱର ସାଇବର ଥାନାରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ସାଇବର ଥାନା ପୋଲିସ ତଦନ୍ତ କରି ଟଙ୍କା ଫେରାଇ ଆଣିବାକୁ ଉଦ୍ୟମ ଚଳାଇଥିବା ସୂଚନା ମିଳିଛି। ଅଭିଯୋଗ ଅନୁସାରେ, ସାଇବର ଠକ ଜଣକ ବିଜୟଙ୍କ ସ୍ତ୍ରୀଙ୍କ ମୋବାଇଲ ଫୋନ୍‌କୁ କଲ୍ କରି ତାଙ୍କ ନାମରେ ଥିବା କ୍ରେଡ଼ିଟ୍ କାର୍ଡ଼ ଅପଡେଟ୍ କରାଇବାକୁ କହି ଆକାଉଣ୍ଟର ସମସ୍ତ ତଥ୍ୟ ମାଗିଥିଲେ। କେତେକ ସମସ୍ୟା ଥିବା କହି ଠକଜଣକ ଏନିଡେସ୍କ ନାମକ ଏକ ଆପ୍ଲିକେଶନ ଡାଉନ୍‌ଲୋଡ୍ କରିବାକୁ ପରାମର୍ଶ ଦେଇ କେତେକ କାର୍ଯ୍ୟ କରିବାକୁ କହିଥିଲେ। ବିଜୟଙ୍କ ସ୍ତ୍ରୀ ଉକ୍ତ ଆପ୍ ଡାଉନ୍‌ଲୋଡ୍ କରିବା ପରେ ତାଙ୍କ ମୋବାଇଲକୁ ଏକ ଲିଙ୍କ୍ ଆସିଥିଲା। ଲିଙ୍କ୍‌ରେ ଥିବା ଫର୍ମରେ ସବିଶେଷ ତଥ୍ୟ ଦେବା ସହ ତାଙ୍କ ମୋବାଇଲ ନମ୍ବରରେ ଏକ ୧୦ଟଙ୍କା ରିଚାର୍ଜ କରିଥିଲେ। ଏହାପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୪୯ ହଜାର ୨୬୪ ଟଙ୍କା କଟିଯାଇଥିଲା।

## ବଜରଙ୍ଗୀ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ: ଢେଙ୍କାନାଳ ଯୋଡ଼ି ଚାମ୍ପିୟନ



**ତିଗିରିଆ, ୨୧।୧ (.ଡି.ଏନ୍.ଏ.):** ତିଗିରିଆ ବ୍ଲକ ନୂଆପାଟଣାସ୍ଥିତ ଦୁର୍ଗାବଜାରଠାରେ ବଜରଙ୍ଗୀ କ୍ଲବ ପକ୍ଷରୁ ୩ ଦିନ ଧରି ଚାଲିଥିବା ବଜରଙ୍ଗୀ ଡବଲ୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ ଯୋଡ଼ି ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଆଠଗଡ ଓ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଠଗଡ଼ ପକ୍ଷରୁ ଉମା, ସତ୍ୟ ଏବଂ ଢେଙ୍କାନାଳର ତାରିଣୀ ଓ ସମୀର ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ଏଥିରେ ଢେଙ୍କାନାଳ ଯୋଡ଼ି ୨-୧ରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ତିଗିରିଆ ବ୍ଲକ ପୂର୍ବତନ ସମିତି ଅଧ୍ୟକ୍ଷ ଭାଗୀରଥି ନନ୍ଦ ଯୋଗଦେଇ ଚାମ୍ପିୟନ ଯୋଡ଼ିକୁ ଟ୍ରଫି ସହ ୩୦୦୦ ଟଙ୍କା ଓ ଆଠଗଡ଼କୁ ରନର୍ସ ଅପ୍ ଟ୍ରଫି ସହ ୨୦୦୦ଟଙ୍କା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କମିଟି ସଭାପତି ମାନସ କୁମାର ବେହେରା, ସମ୍ପାଦକ ବିଜୟ କୁମାର ତୋଷ, ଶୁଭମ୍ କୁଣ୍ଡୁ ଓ ସୋମନାଥ କୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ଲୋକଙ୍କ ପ୍ରବଳ ଗହଳି।



ଉତ୍କଳ ଅଡିଟୋରିୟମରେ ୫୦% ଦର୍ଶକ ନିୟମକୁ ଉଲ୍ଲଂଘନ କରାଯାଇଛି।

# ସବୁଠି କଟକଣା ଉଲ୍ଲଂଘନ

**ଭୁବନେଶ୍ୱର, ୨୧।୧ (ବ୍ୟୁରୋ)**

କଟକଣା କଡ଼ା, ହେଲେ କାର୍ଯ୍ୟକାରୀ ଶୂନ। ପୋଲିସ, ପ୍ରଶାସନଠାରୁ ସାଧାରଣ ଜନତା ସମସ୍ତେ ଢିଲା। ଯେଉଁଥିପାଇଁ ସଂକ୍ରମଣ ଓ ସକ୍ରିୟ ଆକ୍ରାନ୍ତ ସଂଖ୍ୟାରେ ଦେଶର ୧୦ ରାଜ୍ୟ ମଧ୍ୟରେ ଓଡ଼ିଶା ରହିଛି। ତେବେ ରାଜଧାନୀ ଭୁବନେଶ୍ୱର ପାଇଁ ରାଜ୍ୟର ସ୍ଥିତି ବିଗିଡିବାରେ ଲାଗିଛି ବୋଲି କୁହାଯାଉଛି। ରାଜ୍ୟରେ ସଂକ୍ରମଣ କମିଥିଲେ ମଧ୍ୟ ଭୁବନେଶ୍ୱରରେ ସଂକ୍ରମଣର ହଟ୍‌ସ୍ପଟ୍ ପାଲଟିଛି। ଯେଉଁଠି ଦେଖିବ ସେଠି କରୋନା କଟକଣା ଓ ଗାଇଡ୍‌ଲାଇନ୍ ଉଲ୍ଲଂଘନ ହେଉଥିବା ଦେଖାଯାଉଛି। ରାସ୍ତାଘାଟ, ହାଟ, ବଜାରରେ ଅସମ୍ଭାଳ ଭିଡ଼ ହେଉଥିବାବେଳେ ହଲ୍, ମଲ୍, ପ୍ରେକ୍ଷାଳୟ, କାର୍ଯ୍ୟାଳୟରେ ବି ନିୟମ ଠିକ୍ ଭାବେ ପାଳନ ହେଉ ନାହିଁ। ସାମାଜିକ ଦୂରତା ଦୂରେ ଥାଉ, ଠିକ୍ ଭାବେ ମାସ୍କ ଓ ଅନ୍ୟାନ୍ୟ ନିର୍ଦ୍ଦେଶ ଉଲ୍ଲଂଘନ ହେଉଛି। ଦେଖିଲେ ଲାଗୁଛି କାହାର ଯେମିତି କରୋନାକୁ ଆଉ ଡର ନାହିଁ। ଭିଡ଼ ଭିତରେ ବି ବରିଷ୍ଠ ଓ ଛୋଟ ପିଲାଙ୍କୁ ଦେଖିବାକୁ ମିଳୁଛି। ଲୋକଙ୍କର ଏପରି ଖାମଖିଆଲ ମନୋଭାବ ପାଇଁ କରୋନା, ଓମିକ୍ରନ୍ ଭଳି ଭୂତାଣୁ ଦ୍ରୁତଗତିରେ ମାଡ଼ି ଚାଲିଛି।

ତୃତୀୟ ଲହର ସଂକ୍ରମଣ ବୃଦ୍ଧି ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସହର ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ କରିଛି। କମିଶନରେଟ ପୋଲିସ ମଧ୍ୟ କଡା ଆଭିମୁଖ୍ୟ ଗ୍ରହଣ କରୁଥିବା କହୁଛି। କିନ୍ତୁ ସହରର ପ୍ରତିଦିନର ବାସ୍ତବ ଚିତ୍ରକୁ ଦେଖିଲେ, କଟକଣା କରି

### ସଂକ୍ରମଣର ହଟ୍‌ସ୍ପଟ୍ ପାଲଟିଲାଣି ରାଜଧାନୀ

ପୋଲିସ ଓ ପ୍ରଶାସନ ପୂରା ଚୁପ୍ ବସିଛି। ସହରର ପ୍ରମୁଖ ସ୍ଥାନ ୟୁନିଟ୍-୧ ମାର୍କେ, ୟୁନିଟ୍-୨ ମାର୍କେଟ ବିଲ୍ଡିଂ, ୟୁନିଟ୍-୪ ମାର୍କେଟ, ବାପୁଜୀନଗର, ରାଜମହଲ, ରସୁଲଗଡ଼, ଆଚାର୍ଯ୍ୟବିହାର ଆଦି ସ୍ଥାନରେ ଲୋକଙ୍କ ଭିଡ଼ ଲାଗି ରହୁଛି।

ପ୍ରେକ୍ଷାଳୟରେ ମଧ୍ୟ ଗାଇଡ୍‌ଲାଇନକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ୫୦ ପ୍ରତିଶତ ଲୋକଙ୍କୁ ନେଇ ପ୍ରେକ୍ଷାଳୟରେ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିୟମ ରହିଛି। ପୁଣି ସିଟ୍ ଛାଡ଼ି ଅନ୍ୟ ସିଟ୍‌ରେ ଲୋକଙ୍କୁ ବସିବାର ବ୍ୟବସ୍ଥା କରିବାକୁ କୁହାଯାଇଛି। ପ୍ରେକ୍ଷାଳୟରେ ବସିଥିବା ସମସ୍ତେ ମାସ୍କ ପିନ୍ଧିବା ସହ କୋଭିଡ୍ ନିୟମ ପାଳନ କରିବାକୁ ନିର୍ଦ୍ଦେଶ ରହିଛି। ମାତ୍ର ଅଧିକାଂଶ ସ୍ଥାନରେ ସେପରି ହେଉନାହିଁ। ଗୁରୁବାର ଉତ୍କଳ ଅଡିଟୋରିୟମ୍‌ଠାରେ ଚାଲିଥିବା ଏକ କାର୍ଯ୍ୟକ୍ରମରେ ଏଭଳି ଉଲ୍ଲଂଘନ ନଜରକୁ ଆସିଥିଲା। ପ୍ରେକ୍ଷାଳୟର ପୂରା ସିଟ୍ ଭର୍ତ୍ତି ଥିବାବେଳେ ବହୁ ଲୋକ ଛିଡା ହୋଇ କାର୍ଯ୍ୟକ୍ରମ ଦେଖୁଥିଲେ। ପୁଣି ଅଧିକାଂଶ ଲୋକଙ୍କ ମୁହଁରେ ମାସ୍କ ମଧ୍ୟ ନ ଥିଲା। ମେଟ୍ରୋ ସହରରେ ଚାଲୁଥିବା ମୋ ବସ୍ ଗୁଡିକରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳୁଛି। ବସ୍‌ରେ ଯେତିକି ସିଟ୍ ଅଛି ସେତିକି ଯାତ୍ରୀ ଯିବାର ନିୟମ ରହିଛି। ମାତ୍ର ବସ୍‌ଗୁଡିକରେ ଏକାଧିକ ଯାତ୍ରୀ ଠିଆ ହୋଇ ଯାତ୍ରା କରୁଛନ୍ତି। ମୋ ବସ୍‌ରେ ଯାତ୍ରା ଭଡ଼ା କମ୍ ରହୁଥିବାରୁ ସହର ମଧ୍ୟରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପାଇଁ ଅଟୋ ଅପେକ୍ଷା ଲୋକମାନେ ଏହାକୁ ଅଧିକ ପସନ୍ଦ କରୁଛନ୍ତି।

ଅପରପକ୍ଷେ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲବେଳେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ପ୍ରାର୍ଥୀମାନେ ଜଣେ ସମର୍ଥକଙ୍କୁ ନେଇ ପ୍ରାର୍ଥିପତ୍ର ଦାଖଲ ଓ ୫ଜଣ ସମର୍ଥକଙ୍କୁ ନେଇ ପ୍ରଚାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ପ୍ରାର୍ଥୀମାନେ ଏକାଧିକ ସମର୍ଥକଙ୍କ ଗହଣରେ ଶୋଭାଯାତ୍ରା କରି ନାମାଙ୍କନପତ୍ର ଦାଖଲ କରୁଥିବା ଦେଖାଯାଇଥିଲା। ତେବେ ଶୁକ୍ରବାର ଶେଷ ଦିନରେ ଭୁବନେଶ୍ୱର ଏଡିଏମ୍ ଅଫିସ ସହ ଅନ୍ୟ କେତେକ ସ୍ଥାନରେ କୋଭିଡ୍ କଟକଣା ଖୋଲାଖୋଲି ଉଲ୍ଲଂଘନ ହୋଇଥିଲା।

## ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କର

**କଟକ ଅଫିସ, ୨୧।୧**

କଟକ ନଗର ୩ ନମ୍ବର ୱାର୍ଡ କଂଗ୍ରେସ କମିଟି ବୈଠକ ସ୍ଥାନୀୟ ଧବଳେଶ୍ୱର ଗଡ଼ାଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ୱାର୍ଡ ଅଞ୍ଚଳବାସୀଙ୍କ ମୌଳିକ ସମସ୍ୟା ସମାଧାନ ପାଇଁ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବାକୁ ଦଳୀୟ କର୍ମୀମାନଙ୍କୁ କହିଥିଲେ। ଦଳୀୟ ନେତ୍ରୀ ନୟନା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏଥିରେ ୱାର୍ଡ କଂଗ୍ରେସ ସଭାପତି ପ୍ରଦୋଷ ଦାସ, ସଞ୍ଜୟ କୁମାର ବେହେରା, ମମତା ନାୟକ, କୁଳମଣି ନାୟକ, ରଞ୍ଜୁ ନାୟକ, ବାସନ୍ତୀ ନାୟକ, ବାବୁଲି ନାୟକ, ବାପି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଧାନମଣ୍ଡି ଉଦ୍‌ଘାଟିତ

**କଣ୍ଠାପଡା, ୨୧।୧ (ଡି.ଏନ୍.ଏ.)**

କଣ୍ଠାପଡା ବ୍ଲକ ଅଧୀନ ନାହାଳପୁର ସେବା ସମବାୟ ସମିତି ପରିସରରେ ଶୁକ୍ରବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମବାୟ ବିଭାଗ ସହକାରୀ ଉପନିବନ୍ଧକ ତପନ କୁମାର ଦାସ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିଆଳି ଶାଖା ପରିଚାଳକ ପ୍ରଦୀପ କୁମାର ମଲ୍ଲ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୩୮ଜଣ ଚାଷୀଙ୍କଠାରୁ ୧୧୯୪ କୁଇଣ୍ଟାଲ ଧାନ କ୍ରୟ କରିବାକୁ ଟୋକନ ପ୍ରଦାନ କରାଯାଇଛି। ନାହାଳପୁର ସେବା ସମବାୟ ସମିତି ସମ୍ପାଦକ ବିଭୂତି ନାୟକ, ସହ ସମ୍ପାଦକ ଶ୍ରୀଧର ଚୌଧୁରୀ, ଚାଷୀ ପ୍ରତିନିଧି ବିମାନ ବିହାରୀ ବେହେରାଙ୍କ ସମେତ ବହୁଚାଷୀ ଉପସ୍ଥିତ ଥିଲେ।



ଆଇଏନ୍‌ଏସ୍ ଚିଲିକାରେ ଶୁକ୍ରବାର ଅନୁଷ୍ଠିତ ଇଣ୍ଡିଆନ ନାଭି ଓ କୋଷ୍ଟ ଗାର୍ଡର ୦୨/୨୦୨୧ ବ୍ୟାଚ୍ ପାସିଂ ଆଉଟ୍ ପରେଡରେ ଗୋପାଳପୁରସ୍ଥିତ ଆର୍ମି ଏୟାର ଡିଫେନ୍ସ କଲେଜର ଏଡିଏସ୍‌ଏମ୍ କମାଣ୍ଡାଣ୍ଟ ଲେଫ୍ଟନାଣ୍ଟ ଜେନେରାଲ ସତିନ୍ଦର ସିଂହ ଅଭିବାଦନ ଗ୍ରହଣ କରୁଛନ୍ତି।

## ୩ ମହଲା କୋଠାରୁ ଖସି ଶ୍ରମିକ ମୃତ

**ସାଲେପୁର, ୨୧।୧ (ଡି. ଏନ.ଏ)**

ସାଲେପୁର ଥାନା ଅଧୀନ ସରସତୀ ଶିଶୁମନ୍ଦିର ରୋଡରେ ଥିବା ଏକ ୩ ମହଲା କୋଠାରୁ ଖସି ଶୁକ୍ରବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କିଶନନଗର ଥାନା ମୁର୍କୁଣ୍ଡି ଗ୍ରାମର କାଳନ୍ଦୀ ମହାରଣା (୪୮)। ସେ ଉକ୍ତ କୋଠାଘରର ଉପର ମହଲାରେ ନିର୍ମାଣ କାର୍ଯ୍ୟ କରୁଥିଲେ। କୌଣସି କାରଣରୁ ତଳକୁ ଖସିପଡ଼ି ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ କାଳନ୍ଦୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ କିଶନନଗର ପୋଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା (ନଂ. ୧/୨୨) ରୁଜୁ କରିଛି।

## ୫ ଦିନରେ ୧୪,୪୫୪ ପ୍ରାର୍ଥୀପତ୍ର ଦାଖଲ

**କଟକ ଅଫିସ, ୨୧।୧**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲର ଶେଷଦିନ ଥିଲା। ଗତ ୫ ଦିନ ମଧ୍ୟରେ ସରପଞ୍ଚ, ସମିତିସଭ୍ୟ, ୱାର୍ଡସଭ୍ୟ ଓ ଜିଲା ପରିଷଦ ସଭ୍ୟ ପଦବୀ ପାଇଁ ମୋଟ୍ ୧୪,୪୫୪ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। କଟକ ସଦର ବ୍ଲକ ଅଧୀନ ୨୩ଟି ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ୧୦୧, ସମିତି ସଭ୍ୟ ପଦବୀ ପାଇଁ ୮୩ ଓ ୱାର୍ଡ ସଭ୍ୟ ପଦବୀ ପାଇଁ ୬୪୭ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଜିଲା ପରିଷଦ ସଭ୍ୟ ପଦବୀ ପାଇଁ ୧୧୧ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ବାରଙ୍ଗ ବ୍ଲକରେ ୱାର୍ଡସଭ୍ୟ ପଦବୀ ପାଇଁ ୪୦୭, ସରପଞ୍ଚ ପଦବୀରେ ୭୫, ସମିତି ସଭ୍ୟ ପଦବୀ ପାଇଁ ୬୪, ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ୱାର୍ଡସଭ୍ୟ ଭାବେ ୭୯୯, ସରପଞ୍ଚ ପଦ ପାଇଁ ୧୩୫, ସମିତି ସଭ୍ୟ ପଦ ପାଇଁ ୧୦୪, ସାଲେପୁର ବ୍ଲକରେ ୱାର୍ଡ ସଭ୍ୟ ଭାବେ ୧୧୨୪, ସରପଞ୍ଚ ପଦବୀ ପାଇଁ ୧୬୪, ସମିତି ସଭ୍ୟ ପଦବୀ ପାଇଁ ୧୩୭, ମାହାଙ୍ଗା ବ୍ଲକରେ ୱାର୍ଡସଭ୍ୟ ପଦବୀ ପାଇଁ ୧୦୫୨, ସରପଞ୍ଚ ପଦବୀ ପାଇଁ ୧୯୪, ସମିତି ସଭ୍ୟ ପଦବୀ ପାଇଁ ୧୪୦, ନିଶ୍ଚିନ୍ତକୋଇଲି ବ୍ଲକରେ ୱାର୍ଡ ସଭ୍ୟ ପଦ ପାଇଁ ୧୨୪୨, ସରପଞ୍ଚ ପଦବୀରେ ୨୦୧ ଓ ସମିତି ସଭ୍ୟ ପଦ ପାଇଁ ୧୬୬, ନିଆଳି ବ୍ଲକରେ ୱାର୍ଡ ସଭ୍ୟ ପଦବୀ ପାଇଁ ୯୯୫, ସରପଞ୍ଚ ପଦ ପାଇଁ ୧୦୧ ଓ ସମିତି ସଭ୍ୟ ପଦ ପାଇଁ ୮୧, କଣ୍ଠାପଡା ବ୍ଲକରେ ୱାର୍ଡ ସଭ୍ୟ ପଦବୀ ନିମନ୍ତେ ୪୦୩, ସରପଞ୍ଚ ପଦବୀ ନିମନ୍ତେ ୫୪ ଓ ସମିତି ସଭ୍ୟ ପଦବୀ ପାଇଁ ୪୩ ଜଣ, ଆଠଗଡ ବ୍ଲକରେ ୱାର୍ଡ ସଭ୍ୟ ପଦବୀ ପାଇଁ ୮୧୫, ସରପଞ୍ଚ ପଦବୀ ପାଇଁ ୨୦୧ ଓ ସମିତି ସଭ୍ୟ ପଦବୀ ପାଇଁ ୧୦୮ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ଜିଲା ପରିଷଦ ସଭ୍ୟ ପଦବୀ ପାଇଁ ୫୬ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ତିଗିରିଆ ବ୍ଲକରେ ୱାର୍ଡ ସଭ୍ୟ ପଦବୀରେ ୪୭୭, ସରପଞ୍ଚ ପଦବୀ ପାଇଁ ୮୯ ଓ ସମିତି ସଭ୍ୟ ପଦବୀ ପାଇଁ ୫୮ ଜଣ, ବଡ଼ମ୍ବା ବ୍ଲକରେ ୱାର୍ଡ ସଭ୍ୟ ପଦବୀ ପାଇଁ ୯୧୦, ସରପଞ୍ଚ ପଦବୀରେ ୧୬୧, ସମିତି ସଭ୍ୟ ପଦବୀ ପାଇଁ ୧୬୩, ନରସିଂହପୁର ବ୍ଲକରେ ୱାର୍ଡ ସଭ୍ୟ ପଦବୀ ପାଇଁ ୯୩୪, ସରପଞ୍ଚ ପଦବୀ ପାଇଁ ୧୭୬ ଓ ସମିତି ସଭ୍ୟ ପଦ ପାଇଁ ୧୬୨ ଜଣ, ବାଙ୍କୀରେ ୱାର୍ଡ ସଭ୍ୟ ପଦବୀ ପାଇଁ ୬୮୭, ସରପଞ୍ଚ ପଦବୀ ପାଇଁ ୯୧ ଓ ସମିତି ସଭ୍ୟ ପଦବୀ ପାଇଁ ୮୭ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ଜିଲା ପରିଷଦ ସଭ୍ୟ ପଦବୀ ପାଇଁ ୨୧ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବାଙ୍କୀ ଡମପଡ଼ା ୱାର୍ଡ ସଭ୍ୟ ପଦବୀ ପାଇଁ ୪୯୦, ସରପଞ୍ଚ ପଦବୀ ପାଇଁ ୭୮ ଓ ସମିତି ସଭ୍ୟ ପଦବୀ ପାଇଁ ୬୭ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

## 'ରାଜକିଶୋରଙ୍କ ସେବାମୟ ଜୀବନ ଆଗାମୀ ପିଢ଼ିର ଆଦର୍ଶ'

**କଟକ ଅଫିସ, ୨୧।୧**



କାର୍ଯ୍ୟକ୍ରମରେ ଲେଖକ ଗୌରାଙ୍ଗ ଚରଣ ପରିଡ଼ାଙ୍କୁ ସଂଗ୍ରାମୀ ରାଜକିଶୋର ନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

ରାଜକିଶୋର ନାୟକ ଜଣେ ଗାନ୍ଧିବାଦୀ, ଆଦର୍ଶ ଶିକ୍ଷାବିତ୍ ଓ ତ୍ୟାଗୀ ମଣିଷ ଥିଲେ। ସମାଜ ସେବାକୁ ସେ ସବୁବେଳେ ଅଗ୍ରାଧିକାର ଦେଉଥିଲେ। ତାଙ୍କର ତ୍ୟାଗପୂତ ସେବାମୟ ଜୀବନ ଆଗାମୀ ପିଢିର ଆଦର୍ଶ ହେବା ଉଚିତ ବୋଲି କଟକ ସାରଳା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ମଦନ ମୋହନ ଦାସ ଯୋଗଦେଇ କହିଥିଲେ। ସଂଗ୍ରାମୀ ରାଜକିଶୋର ନାୟକ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ସାମାଜିକ କର୍ମୀ ରାଜକିଶୋର ନାୟକଙ୍କ ସ୍ମୃତିସଭାକୁ ଜଷ୍ଟିସ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସ୍ମୃତି ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଦାଶ ବେନହୁର ଯୋଗଦେଇ ରାଜକିଶୋର ଜଣେ ଅସାଧାରଣ ମାନବବାଦୀ ଓ ସାମାଜିକ ବିପ୍ଳବୀ ଥିଲେ ବୋଲି କହିଥିଲେ। ଏହି ଅବସରରେ ଗାନ୍ଧିବାଦୀ ଲେଖକ ଗୌରାଙ୍ଗ ଚରଣ ପରିଡ଼ାଙ୍କୁ ସଂଗ୍ରାମୀ ରାଜକିଶୋର ନାୟକ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ, କୋଷାଧ୍ୟକ୍ଷ ଡ. ଚୌଧୁରୀ ସତ୍ୟ ଦାସ ଅତିଥି ପରିଚୟ ଓ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ। ପ୍ରଫେସର ହେମେନ୍ଦ୍ର ନାରାୟଣ ଦାସ, ଡା. ନିରଞ୍ଜନ ତ୍ରିପାଠୀ, ଡା. ନିମାଇଁ ଚରଣ ପରିଜା, ପ୍ରହ୍ଲାଦ ସିଂହ, ଅଭିମନ୍ୟୁ ନାୟକ, ପ୍ରଶାସକ ବଂଶୀଧର ରାଉତ, ଇଂ. ସୁଶାନ୍ତ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଭୁବନେଶ୍ୱର କଳିଙ୍ଗନଗର କେ୪ରେ ଥିବା ବେଆଇନ ଘରକୁ ଶୁକ୍ରବାର ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଉଛି।



ସାଧାରଣତନ୍ତ୍ର ଦିବସ ପରିପ୍ରେକ୍ଷୀରେ ଶୁକ୍ରବାର ସ୍ମାର୍ଟସିଟି ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲ ନିକଟ ଫୁଟ୍‌ପାଥକୁ ରଙ୍ଗ କରାଯାଉଛି।



ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବାସଭବନରେ କ୍ୟାମେରାମ୍ୟାନ ଶ୍ରୀନିବାସ ମହାପାତ୍ରଙ୍କୁ 'ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ' ପ୍ରଦାନ କରାଯାଉଛି।

**ଜିଲ୍ଲାରେ ୧୪୬ ସଂକ୍ରମିତ ଚିହ୍ନଟ**

ପୁରୀ ଅଫିସ: ପୁରୀ ଜିଲାରେ ଶେଷ ୨୪ ଘଣ୍ଟାରେ ୧୪୬ ଜଣ ନୂତନ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରେ ପୁରୀ ସହରରୁ ୫୧, ସତ୍ୟବାଦୀରୁ ୧୬, ପୁରୀ ସଦରରୁ ୧୯, ପିପିଲି ଏନ୍‌ଏସିରୁ ୫, ଅସ୍ତରଙ୍ଗରୁ ୭, ବ୍ରହ୍ମଗିରିରୁ ୨, ଡେଲାଙ୍ଗରୁ ୧୦, ଗୋପରୁ ୫, କାକଟପୁରରୁ ୨, କଣାସରୁ ୮, କୃଷ୍ଣପ୍ରସାଦରୁ ଜଣେ,ନିମାପଡ଼ାରୁ ୧୧ ଓ ପିପିଲିରୁ ୭ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିଭଳି ଯାଜପୁର ଓ ଢେଙ୍କାନାଳ ଜିଲାର ଜଣେ ଲେଖାଏ ବ୍ୟକ୍ତି ପୁରୀ ଜିଲାରେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

## ସଂକ୍ଷେପରେ

### ପୂର୍ବତନ ମନ୍ତ୍ରୀଙ୍କ ବୋହୂଙ୍କ ନାମାଙ୍କନ

ଅସ୍ତରଙ୍ଗ,୨୧।୧(ଡି.ଏନ୍.ଏ.)- ଅସ୍ତରଙ୍ଗ ବ୍ଲକରେ ବିଜୁ ଜନତା ଦଳର ସମର୍ଥିତ ପ୍ରାର୍ଥୀ ଭାବେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକଙ୍କ ବୋହୂ ତଥା ବର୍ତ୍ତମାନର ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ କୁମାର ନାୟକଙ୍କ ସ୍ତ୍ରୀ ନିବେଦିତା ନାୟକ ଆଲଙ୍ଗପୁର ପଞ୍ଚାୟତରୁ ସମିତି ସଭ୍ୟା ପାଇଁ ନାମାଙ୍କନପତ୍ର ଶେଷଦିନରେ ଦାଖଲ କରିଛନ୍ତି। ଆଲଙ୍ଗପୁର ପଞ୍ଚାୟତର ସମସ୍ତ ମହିଳା ସଂଗଠନ, ରାଜନୀତିଜ୍ଞ, ଦଳୀୟ କର୍ମୀମାନେ ସମର୍ଥନ ଜଣାଇଥିଲେ। ସମର୍ଥକଙ୍କ ସହ ସେ ବ୍ଲକକୁ ଆସି ଅସ୍ତରଙ୍ଗ ବ୍ଲକ ନିର୍ବାଚନ ଅଧିକାରୀଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ଆଲଙ୍ଗପୁର ପଞ୍ଚାୟତବାସୀଙ୍କର ପ୍ରତ୍ୟେକ ସମସ୍ୟା ସମ୍ପର୍କରେ ଦୃଷ୍ଟି ଦେବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ନିବେଦିତାଙ୍କର ରାଜନୈତିକ ଆବିର୍ଭାବ ନେଇ ବିଜେଡି ଶିବିରରେ ଏକ ପ୍ରକାର ଉତ୍ସାହର ବାତାବରଣ ସୃଷ୍ଟି ହୋଇଛି। ନିବେଦିତା କହିଛନ୍ତି, ଅସ୍ତରଙ୍ଗ ବ୍ଲକବାସୀଙ୍କ ସହଯୋଗ ମୋତେ ଆଗକୁ ବଢ଼ିବାରେ ସାହାଯ୍ୟ କରିବ ଏବଂ ପ୍ରେରଣା ଯୋଗାଇବ।

### ଡେଲାଙ୍ଗରେ ୮୪୬ ପ୍ରାର୍ଥୀ

ଡେଲାଙ୍ଗ,୨୧।୧(ଡି.ଏନ୍.ଏ.)- ଡେଲାଙ୍ଗ ବ୍ଲକର ୨୧ଟି ପଞ୍ଚାୟତରେ ମୋଟ ୮୪୬ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ୧୨୮ ସରପଞ୍ଚ, ୮୫ଜଣ ସମିତିସଭ୍ୟ ଓ ୬୩୩ଜଣ ୱାର୍ଡସଭ୍ୟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

### କଣାସରେ ୮୯୩

କଣାସ,୨୧।୧(ସ୍ୱ.ପ୍ର.)- ପୁରୀ ଜିଲା କଣାସ ବ୍ଲକର ୨୮ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ୩୫୯ ୱାର୍ଡମେମ୍ବର ପଦବୀ ପାଇଁ ମୋଟ ୮୯୩ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସରପଞ୍ଚ ପାଇଁ ୧୨୬ଜଣ ଓ ସମିତି ସଭ୍ୟ ପାଇଁ ୧୧୦ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ୱାର୍ଡସଭ୍ୟ ପାଇଁ ୬୬୭ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ନିର୍ବାଚନ ଅଧିକାରୀ ବିଡିଓ ଲୋଚନ ଦାସ ସୂଚନା ଦେଇଛନ୍ତି। ୫ ଦିନ ଧରି ଶାନ୍ତିଶୃଙ୍ଖଳାର ସହିତ ପ୍ରାର୍ଥୀପତ୍ର ଦାଖଲ କାର୍ଯ୍ୟ ପୋଲିସ ତତ୍ତ୍ୱାବଧାନରେ ହୋଇଥିବା କଣାସ ଥାନା ଆଇଆଇସି ସୁଜିତ୍ ଦାସ ଓ ଗଡ଼ିଶାଗୋଦା ଥାନା ଆଇଆଇସି ନାରାୟଣ ଚନ୍ଦ୍ର ଲେଙ୍କା ପ୍ରକାଶ କରିଛନ୍ତି।

### ପିପିଲିରେ ୯୧୩

ପିପିଲି,୨୧।୧(ଡି.ଏନ୍.ଏ.)- ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନରେ ପିପିଲି ବ୍ଲକରେ ୪୧୯ଜଣ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସୂଚନା ମୁତାବକ, ବ୍ଲକରେ ୪୧୯ଜଣଙ୍କ ମଧ୍ୟରେ ସରପଞ୍ଚ ପଦବୀ ପାଇଁ ୩୭ଜଣ, ସମିତିସଭ୍ୟ ପଦ ପାଇଁ ୩୯ଜଣ ଓ ୱାର୍ଡ ମେମ୍ବର ପଦବୀ ପାଇଁ ୩୪୩ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତେବେ ବ୍ଲକର ୨୫ ପଞ୍ଚାୟତରୁ ମୋଟ ୯୧୩ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେଥିମଧ୍ୟରୁ ୱାର୍ଡମେମ୍ବର ପାଇଁ ୭୩୫ଜଣ, ସରପଞ୍ଚ ପାଇଁ ୯୬ଜଣ ଓ ସମିତିସଭ୍ୟ ପାଇଁ ୮୨ଜଣ ପ୍ରାର୍ଥୀ ରହିଥିବା ବ୍ଲକ ନିର୍ବାଚନ ଅଧିକାରିଣୀ ରଶ୍ମିତା ନାଥ ସୂଚନା ଦେଇଛନ୍ତି।

### ସତ୍ୟବାଦୀରେ ୯୦୬

ସାକ୍ଷୀଗୋପାଳ,୨୧।୧(ଡି.ଏନ୍.ଏ.)- ସତ୍ୟବାଦୀ ବ୍ଲକରେ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡସଭ୍ୟ ପଦବୀ ପାଇଁ ୯୦୬ଜଣ ଆଶାୟୀ ପ୍ରାର୍ଥୀ ସେମାନଙ୍କର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସତ୍ୟବାଦୀ ବ୍ଲକର ୨୪ଟି ସରପଞ୍ଚ ଆସନ ପାଇଁ ୧୧୧ଜଣ, ୨୪ଟି ସମିତିସଭ୍ୟ ପାଇଁ ୧୨୫ଜଣ ଏବଂ ୬୭୦ଜଣ ୱାର୍ଡସଭ୍ୟ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବା ନିମନ୍ତେ ଆଗେଇ ଆସିଛନ୍ତି।

### ବ୍ରହ୍ମଗିରିରେ ୯୫୧

ବ୍ରହ୍ମଗିରି,୨୧।୧(ଡି.ଏନ୍.ଏ.)- ବ୍ରହ୍ମଗିରି ବ୍ଲକରେ ମୋଟରେ ୯୫୧ଜଣ ପ୍ରାର୍ଥୀ ବିଭିନ୍ନ ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ବ୍ଲକ ପକ୍ଷରୁ ସୂଚନା ମିଳିଛି। ବ୍ଲକରେ ୨୫ଟି ପଞ୍ଚାୟତ ପାଇଁ ୧୦୭ ଜଣ ସରପଞ୍ଚ, ୮୭ଜଣ ସମିତି ସଭ୍ୟ ଓ ୭୫୭ ଜଣ ୱାର୍ଡମେମ୍ବର ପ୍ରାର୍ଥୀ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହି ପ୍ରାର୍ଥୀମାନଙ୍କ ମଧ୍ୟରୁ ଅଧିକାଂଶ ଯୁବକ ଥିବା ଜଣାପଡିଛି।



ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ଲୋକଙ୍କ ପ୍ରବଳ ଗହଳି।



ଉତ୍କଳ ଅଡିଟୋରିୟମରେ ୫୦% ଦର୍ଶକ ନିୟମ ଉଲ୍ଲଂଘନ।

# ସବୁଠି କଟକଣା ଉଲ୍ଲଂଘନ

ଭୁବନେଶ୍ୱର, ୨୧।୧ (ବ୍ୟୁରୋ)

କଟକଣା କଡ଼ା, ହେଲେ କାର୍ଯ୍ୟକାରୀ ଶୂନ। ପୋଲିସ, ପ୍ରଶାସନଠାରୁ ସାଧାରଣ ଜନତା ସମସ୍ତେ ଢିଲା। ଯେଉଁଥିପାଇଁ ସଂକ୍ରମଣ ଓ ସକ୍ରିୟ ଆକ୍ରାନ୍ତ ସଂଖ୍ୟାରେ ଦେଶର ୧୦ ରାଜ୍ୟ ମଧ୍ୟରେ ଓଡ଼ିଶା ରହିଛି। ତେବେ ରାଜଧାନୀ ଭୁବନେଶ୍ୱର ପାଇଁ ରାଜ୍ୟର ସ୍ଥିତି ବିଗିଡିବାରେ ଲାଗିଛି ବୋଲି କୁହାଯାଉଛି। ରାଜ୍ୟରେ ସଂକ୍ରମଣ କମିଥିଲେ ମଧ୍ୟ ଭୁବନେଶ୍ୱରରେ ସଂକ୍ରମଣର ହଟ୍‌ସ୍ପଟ୍ ପାଲଟିଛି। ଯେଉଁଠି ଦେଖିବ ସେଠି କରୋନା କଟକଣା ଓ ଗାଇଡ୍‌ଲାଇନ୍ ଉଲ୍ଲଂଘନ ହେଉଥିବା ଦେଖାଯାଉଛି। ରାସ୍ତାଘାଟ, ହାଟ, ବଜାରରେ ଅସମ୍ଭାଳ ଭିଡ଼ ହେଉଥିବାବେଳେ ହଲ୍, ମଲ୍, ପ୍ରେକ୍ଷାଳୟ, କାର୍ଯ୍ୟାଳୟରେ ବି ନିୟମ ଠିକ୍ ଭାବେ ପାଳନ ହେଉ ନାହିଁ। ସାମାଜିକ ଦୂରତା ଦୂରେ ଥାଉ, ଠିକ୍ ଭାବେ ମାସ୍କ ଓ ଅନ୍ୟାନ୍ୟ ନିର୍ଦ୍ଦେଶ ଉଲ୍ଲଂଘନ ହେଉଛି। ଦେଖିଲେ ଲାଗୁଛି କାହାର ଯେମିତି କରୋନାକୁ ଆଉ ଡର ନାହିଁ। ଭିଡ଼ ଭିତରେ ବି ବରିଷ୍ଠ ଓ ଛୋଟ ପିଲାଙ୍କୁ ଦେଖିବାକୁ ମିଳୁଛି। ଲୋକଙ୍କର ଏପରି ଖାମଖିଆଲ ମନୋଭାବ ପାଇଁ କରୋନା, ଓମିକ୍ରନ୍ ଭଳି ଭୂତାଣୁ ଦ୍ରୁତଗତିରେ ମାଡ଼ି ଚାଲିଛି।

ତୃତୀୟ ଲହର ସଂକ୍ରମଣ ବୃଦ୍ଧି ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସହର ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ କରିଛି। କମିଶନରେଟ ପୋଲିସ ମଧ୍ୟ କଡା ଆଭିମୁଖ୍ୟ ଗ୍ରହଣ କରୁଥିବା କହୁଛି। କିନ୍ତୁ ସହରର ପ୍ରତିଦିନର ବାସ୍ତବ ଚିତ୍ରକୁ ଦେଖିଲେ, କଟକଣା କରି

**ସଂକ୍ରମଣର ହଟ୍‌ସ୍ପଟ୍ ପାଲଟିଲାଣି ରାଜଧାନୀ**

ପୋଲିସ ଓ ପ୍ରଶାସନ ପୂରା ଚୁପ୍ ବସିଛି। ସହରର ପ୍ରମୁଖ ସ୍ଥାନ ୟୁନିଟ୍-୧ ମାର୍କେ, ୟୁନିଟ୍-୨ ମାର୍କେଟ ବିଲ୍ଡିଂ, ୟୁନିଟ୍-୪ ମାର୍କେଟ, ବାପୁଜୀନଗର, ରାଜମହଲ, ରସୁଲଗଡ଼, ଆଚାର୍ଯ୍ୟବିହାର ଆଦି ସ୍ଥାନରେ ଲୋକଙ୍କ ଭିଡ଼ ଲାଗି ରହୁଛି।

ପ୍ରେକ୍ଷାଳୟରେ ମଧ୍ୟ ଗାଇଡ୍‌ଲାଇନକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ୫୦ ପ୍ରତିଶତ ଲୋକଙ୍କୁ ନେଇ ପ୍ରେକ୍ଷାଳୟରେ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିୟମ ରହିଛି। ପୁଣି ସିଟ୍ ଛାଡ଼ି ଅନ୍ୟ ସିଟ୍‌ରେ ଲୋକଙ୍କୁ ବସିବାର ବ୍ୟବସ୍ଥା କରିବାକୁ କୁହାଯାଇଛି। ପ୍ରେକ୍ଷାଳୟରେ ବସିଥିବା ସମସ୍ତେ ମାସ୍କ ପିନ୍ଧିବା ସହ କୋଭିଡ୍ ନିୟମ ପାଳନ କରିବାକୁ ନିର୍ଦ୍ଦେଶ ରହିଛି। ମାତ୍ର ଅଧିକାଂଶ ସ୍ଥାନରେ ସେପରି ହେଉନାହିଁ। ଗୁରୁବାର ଇଉ୍‌କଲ ଅଡିଟୋରିୟମ୍‌ଠାରେ ଚାଲିଥିବା ଏକ କାର୍ଯ୍ୟକ୍ରମରେ ଏଭଳି ଉଲ୍ଲଂଘନ ନଜରକୁ ଆସିଥିଲା। ପ୍ରେକ୍ଷାଳୟର ପୂରା ସିଟ୍ ଭର୍ତ୍ତି ଥିବାବେଳେ ବହୁ ଲୋକ ଛିଡା ହୋଇ କାର୍ଯ୍ୟକ୍ରମ ଦେଖୁଥିଲେ। ପୁଣି ଅଧିକାଂଶ ଲୋକଙ୍କ ମୁହଁରେ ମାସ୍କ ମଧ୍ୟ ନ ଥିଲା। ମେଟ୍ରୋ ସହରରେ ଚାଲୁଥିବା ମୋ ବସ୍ ଗୁଡିକରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳୁଛି। ବସ୍‌ରେ ଯେତିକି ସିଟ୍ ଅଛି ସେତିକି ଯାତ୍ରୀ ଯିବାର ନିୟମ ରହିଛି। ମାତ୍ର ବସ୍‌ଗୁଡିକରେ ଏକାଧିକ ଯାତ୍ରୀ ଠିଆ ହୋଇ ଯାତ୍ରା କରୁଛନ୍ତି। ମୋ ବସ୍‌ରେ ଯାତ୍ରା ଭଡ଼ା କମ୍ ରହୁଥିବାରୁ ସହର ମଧ୍ୟରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପାଇଁ ଅଟୋ ଅପେକ୍ଷା ଲୋକମାନେ ଏହାକୁ ଅଧିକ ପସନ୍ଦ କରୁଛନ୍ତି।

ଅପରପକ୍ଷେ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲବେଳେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ପ୍ରାର୍ଥୀମାନେ ଜଣେ ସମର୍ଥକଙ୍କୁ ନେଇ ପ୍ରାର୍ଥୀପତ୍ର ଦାଖଲ ଓ ୫ଜଣ ସମର୍ଥକଙ୍କୁ ନେଇ ପ୍ରଚାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ପ୍ରାର୍ଥୀମାନେ ଏକାଧିକ ସମର୍ଥକଙ୍କ ଗହଣରେ ଶୋଭାଯାତ୍ରା କରି ନାମାଙ୍କନପତ୍ର ଦାଖଲ କରୁଥିବା ଦେଖାଯାଇଥିଲା। ତେବେ ଶୁକ୍ରବାର ଶେଷ ଦିନରେ ଭୁବନେଶ୍ୱର ଏଡିଏମ୍ ଅଫିସ ସହ ଅନ୍ୟ କେତେକ ସ୍ଥାନରେ କୋଭିଡ୍ କଟକଣା ଖୋଲାଖୋଲି ଉଲ୍ଲଂଘନ ହୋଇଥିଲା।

### ଗୋପରେ ୧୨୭୦ ପ୍ରାର୍ଥୀ

ଗୋପ,୨୧।୧(ଡି.ଏନ୍.ଏ.): ପାଞ୍ଚଦିନ ଧରି ଚାଲିଥିବା ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଶୁକ୍ରବାର ଶେଷ ହୋଇଛି। ଗୋପ ବ୍ଲକ୍‌ରେ ମୋଟ ୧୨୭୦ ଜଣ ଆଶାୟୀ ପ୍ରାର୍ଥୀନୀ ପ୍ରାର୍ଥୀମାନେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ବ୍ଲକ୍‌ରେ ୩୧ଟି ସରପଞ୍ଚ, ୩୧ଟି ସମିତିସଭ୍ୟ ଓ ୪୨୯ଟି ୱାର୍ଡସଭ୍ୟ ପଦବୀ ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନିର୍ଦ୍ଧାରିତ ସମୟ ସୀମାରେ ନାମାଙ୍କନ ପତ୍ର ଗ୍ରହଣ କରାଯାଉଥିବାବେଳେ ୫ଦିନ ମଧ୍ୟରେ ୩୧ଟି ସରପଞ୍ଚ ପଦବୀ ଲାଗି ୧୪୧ଜଣ ଆଶାୟୀ ପ୍ରାର୍ଥୀ ଆବେଦନ କରିଥିବା ସୂଚନା ମିଳିଛି। ସେହିପରି ୩୧ଟି ସମିତି ସଭ୍ୟ ପଦବୀ ଲାଗି ୧୧୫ ଜଣ ନାମାଙ୍କନ ଦାଖଲ ହୋଇଥିବାବେଳେ ୪୨୯ଟି ୱାର୍ଡମେମ୍ବର ପଦବୀ ଲାଗି ୧୦୧୪ ଜଣ ଆଶାୟୀ ନାମାଙ୍କନ ଦାଖଲ କରିଥିବା ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଜୟଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

### ସୋରଭା, ସିମିଳିରେ ସରପଞ୍ଚ ପ୍ରାର୍ଥୀପତ୍ର ଦାଖଲ

କୋଣାର୍କ,୨୧।୧(ଡି.ଏନ୍.ଏ.) କୋଣାର୍କ ନିକଟସ୍ଥ ସୋରଭା ପଞ୍ଚାୟତର ସ୍ୱାଧୀନ ସରପଞ୍ଚ ପ୍ରାର୍ଥୀ ଭାବେ ଯୁବ ସଂଗଠକ ଅଗାଧୁ ସ୍ୱାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ପଦବୀ ନିମନ୍ତେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହି ସମୟରେ ରାମଚନ୍ଦ୍ର ପାଇଟାଳ, ଜଗତ ଖଟୋଇ, ଦୀପକ ସ୍ୱାଇଁ, ବାମଦେବ ସାହୁ ଓ ସୁଧାଂଶୁ ଶେଖର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସିମିଳି ପଞ୍ଚାୟତର କଂଗ୍ରେସ ସମର୍ଥିତ ସରପଞ୍ଚ ପ୍ରାର୍ଥୀ ବିଶ୍ୱଜିତ ସ୍ୱାଇଁ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରିଣୀ ମଧୁସ୍ମିତା ମଲ୍ଲିକଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ବିଜୟ ସ୍ୱାଇଁ, ଭାସ୍କର ଚନ୍ଦ୍ର ସେଠ, କାଞ୍ଚନବାଳା ସେଠ ପ୍ରମୁଖ ଉପସ୍ଥିତ ଥିଲେ।



ଆଇଏନ୍‌ଏସ୍ ଚିଲିକାରେ ଶୁକ୍ରବାର ଅନୁଷ୍ଠିତ ଇଣ୍ଡିଆନ ନ୍ୟାଭି ଓ କୋଷ୍ଟ ଗାର୍ଡର ୦୨/୨୦୨୧ ବ୍ୟାଚ୍ ପାସିଂ ଆଉଟ୍ ପରେଡରେ ଗୋପାଳପୁରସ୍ଥିତ ଆର୍ମି ଏୟାର ଡିଫେନ୍ସ କଲେଜର ଏଭିଏସ୍‌ଏମ୍ କମାଣ୍ଡାଣ୍ଟ ଲୁଟ୍‌ନାଣ୍ଟ ଜେନେରାଲ ସତିନ୍ଦର ସିଂହ ଅଭିବାଦନ ଗ୍ରହଣ କରୁଛନ୍ତି।

### ୧୧ ବ୍ଲକରୁ ୧୦, ୫୩୩ ପ୍ରାର୍ଥୀପତ୍ର ଦାଖଲ

ପୁରୀ ଅଫିସ,୨୧।୧: ପୁରୀ ଜିଲା ପଞ୍ଚାୟତ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟା ଶୁକ୍ରବାର ସରିଛି। ତେବେ ୫ଦିନ ମଧ୍ୟରେ ଜିଲାର ୧୧ଟି ବ୍ଲକରୁ ମୋଟରେ ୧୦,୫୩୩ ପ୍ରାର୍ଥୀପତ୍ର ଦାଖଲ ହୋଇଛି। ୩୩ ଜିଲା ପରିଷଦ ଆସନ ପାଇଁ ଶେଷ ଦିନରେ ୭୯ଜଣ ଆଶାୟୀ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଶୁକ୍ରବାର ୫୫୧ଜଣ ସମିତିସଭ୍ୟ, ୩୩୦୮ଜଣ ୱାର୍ଡମେମ୍ବର ଓ ୫୬୪ ଜଣ ସରପଞ୍ଚ ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡମେମ୍ବର ଆସନ ପାଇଁ ପଞ୍ଚାୟତ ଓ ପଞ୍ଚାୟତ ସମିତି ସ୍ତରରେ ନାମାଙ୍କନ ପତ୍ର ଗ୍ରହଣ ହୋଇଥିବା ବେଳେ ଜିଲା ପରିଷଦ ଆସନ ପାଇଁ ନାମାଙ୍କନ ପତ୍ର ପୁରୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଗ୍ରହଣ ହୋଇଥିଲା। ତେବେ ଜିଲାରେ ସମିତି ସଭ୍ୟ ଆସନ ପାଇଁ ଗତ ୧୭ ତାରିଖରେ ୧୯ ଜଣ, ୧୮ ତାରିଖରେ ୨୧, ୧୯ ତାରିଖରେ ୨୩୩, ୨୦ ତାରିଖରେ ୨୨୧, ୨୧ ତାରିଖରେ ୫୫୧ ଜଣଙ୍କୁ ମିଶାଇ ସମୁଦାୟ ୧୦୪୫ଜଣ ନାମାଙ୍କନ ଦାଖଲ କରିଛନ୍ତି। ସେହିଭଳି ସରପଞ୍ଚ ଆସନ ପାଇଁ ପ୍ରଥମ ଦିନ ୩୮ ଓ ଏହାପରେ ଯଥାକ୍ରମେ ୩୭, ୩୮୪, ୨୪୬, ୫୬୪ଙ୍କୁ ମିଶାଇ ୧୨୬୯ ଜଣ ନାମାଙ୍କନ କରିଛନ୍ତି। ସେହିଭଳି ୫ ଦିନରେ ଯଥାକ୍ରମେ ୨, ୬, ୩୬, ୪୧ ଓ ୭୯ ଜଣଙ୍କୁ ମିଶାଇ ୧୬୪ଜଣ ଜିଲା ପରିଷଦ ଆସନ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ଶନିବାର ଚୂଡ଼ାନ୍ତ ପ୍ରାର୍ଥୀପତ୍ର ତାଲିକା ପ୍ରକାଶ ପାଇବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ପୁରୁଖାଙ୍କୁ ଟକ୍କର ଦେବେ ଯୁବ, ଶିକ୍ଷିତ ପ୍ରାର୍ଥୀ

ପୁରୀ ଅଫିସ,୨୧।୧

- ସରିଲା ପଞ୍ଚାୟତ ନିର୍ବାଚନର ପ୍ରାର୍ଥୀପତ୍ର ଦାଖଲ
- ଭଲ ପ୍ରଦର୍ଶନ ନେଇ ସବୁ ଦଳ ଆଶାବାଦୀ

ଚଳିତବର୍ଷ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲ ଶେଷ ହୋଇଛି। ତେବେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା ଫେବୃୟାରୀ ୧୬ତାରିଖରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇ ୨୫ତାରିଖରେ ଶେଷ ହେବ। ରାଜ୍ୟରେ ପାଞ୍ଚଟି ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହେବ। ତେବେ ନିର୍ବାଚନ ପୂର୍ବରୁ ପ୍ରାର୍ଥୀମାନେ ସେମାନଙ୍କୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଗତ ୧୭ ତାରିଖରୁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଶେଷ ଦିନରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ସଦର ବ୍ଲକ୍ କାର୍ଯ୍ୟାଳୟରେ ପ୍ରାର୍ଥୀଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ଶେଷଦିନ ହୋଇଥିବାରୁ ପ୍ରାର୍ଥୀମାନଙ୍କ ସହ ବିଭିନ୍ନ ଦଳର ବରିଷ୍ଠ ନେତା, ବିଧାୟକମାନେ ଉପସ୍ଥିତ ଥିଲେ। ଫଳରେ କେନ୍ଦ୍ର ନିକଟରେ ରାଜନୈତିକ ଉଷ୍ମତା ବେଶ୍ ପରିଲକ୍ଷିତ ହୋଇଥିଲା। ଚଳିତ ନିର୍ବାଚନରେ ଅଧିକାଂଶ ଯୁବ ଏବଂ ଶିକ୍ଷିତ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ଦେଖିବାକୁ ମିଳିଛି। ଫଳରେ ଚଳିତଥର ବହୁ ପୁରୁଖା ଲୋକଙ୍କ ସହ ଯୁବ ଓ ଶିକ୍ଷିତ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଅନ୍ୟପଟେ ଏହି ନିର୍ବାଚନରେ ସବୁ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଆଶାବାଦୀ ରହିଛନ୍ତି।

ପଞ୍ଚାୟତ ନିର୍ବାଚନକୁ ନେଇ ବିଭିନ୍ନ ଦଳର ନେତାମାନେ ଭିନ୍ନ ଭିନ୍ନ ମତ ରଖିଛନ୍ତି। ଏହି ଅବସରରେ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ କହିଛନ୍ତି, ଚଳିତ ନିର୍ବାଚନରେ ପିପିଲି-ଡେଲାଙ୍ଗ ନିର୍ବାଚନ ମଣ୍ଡଳୀରେ ୬ଟି ଯାକ ଜିଲା ପରିଷଦ ଆଶନରେ ବିଜେଡି ଜିତିବ। ଯେପରି ଦଳ ଭଲ ପ୍ରଦର୍ଶନ କରିବ ସେଥିପ୍ରତି ଧ୍ୟାନ ଦିଆଯିବା ସହ ଦଳର ଭୋଟ ହାର ବଢେଇବା ଦିଗରେ କାର୍ଯ୍ୟ କରାଯାଉଛି। ଜନସାଧାରଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉନ୍ନତିମୂଳକ କାର୍ଯ୍ୟରେ ଖୁସିଥିବାରୁ ଦଳ ନିଶ୍ଚିତ ଭଲ ପ୍ରଦର୍ଶନ କରିବ। ସେହିପରି ଏଥର ଯୁବଗୋଷ୍ଠୀ ଏବଂ ଉଚ୍ଚଶିକ୍ଷିତ ବ୍ୟକ୍ତିମାନେ ରାଜନୀତିର ରଣାଙ୍ଗନକୁ ଓହ୍ଲାଇଛନ୍ତି। ଯାହା କେବଳ ଓଡ଼ିଶା ନୁହେଁ ସାରାଦେଶ ପାଇଁ ଭଲ ସଙ୍କେତ ବୋଲି ବିଧାୟକ ମହାରଥୀ କହିଛନ୍ତି। ସେହିଭଳି ଭାଜପା ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ କହିଛନ୍ତି, ବିଗତ ପଞ୍ଚାୟତ ନିର୍ବାଚନଠାରୁ ଚଳିତ ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରିବ। ଭାରତୀୟ ଜନତା ପାର୍ଟି ସର୍ବଦା ଜନସାଧାରଣଙ୍କ ସହିତ ରହିଛି। ଦଳ ତା'ର ସଂଗଠନକୁ ତୃଣମୂଳ ସ୍ତରରୁ ମଜଭୁତ କରିଛି। ଭାଜପା ସମ ଆସନରେ ଏବଂ ସବୁ ସ୍ଥାନରେ ପ୍ରାର୍ଥୀ ଦେଇଛି। ଜନସାଧାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣ ଯୋଜନା ଏବଂ ଜନହିତକର କାର୍ଯ୍ୟକୁ ଦେଖି ଭାଜପାକୁ ଭୋଟ ଦେବେ। ରାଜ୍ୟ ସରକାର କେନ୍ଦ୍ରର ଯୋଜନାକୁ ହଡ଼ପ କରି ନିଜ ନାମରେ ପ୍ରଚାର କରୁଥିବାରୁ ଲୋକେ ତାଙ୍କୁ ଉଚିତ୍ ଶିକ୍ଷାଦେବେ ବୋଲି କହିଛନ୍ତି। ଅନ୍ୟପଟେ ପ୍ରଥମଥର ଆମ୍ ଆଦମୀ ପାର୍ଟି ପଞ୍ଚାୟତ ନିର୍ବାଚନରେ ବିଜେଡି ଏବଂ ଭାଜପାକୁ ଟକ୍କର ଦେବ ବୋଲି ଏଏପି ନେତା ପବିତ୍ର ମୋହନ ଦଳାଇ ମତ ଦେଇଛନ୍ତି। ଚଳିତଥର ଜିଲାରେ ଦଳ ପକ୍ଷରୁ ୧୫ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏଏପିର ମୁଖ୍ୟ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ନୀତି ଆଦର୍ଶକୁ ନେଇ ଦଳ ଲୋକଙ୍କ ନିକଟକୁ ଯିବ। ମୁଖ୍ୟତଃ ଗ୍ରାମରେ ବାସ କରୁଥିବା ଜନସାଧାରଣ ଯେପରି ସେମାନଙ୍କ ମୌଳିକ ଅଧିକାର ପାଇପାରିବେ ସେଥିପ୍ରତି ଦଳ କାମ କରିବ। ଅନେକ ଗ୍ରାମରେ ଲୋକମାନେ ସରକାରଙ୍କ ଯୋଜନାରୁ ବଞ୍ଚିତ ହେଉଛନ୍ତି। ସେହି ଯୋଜନା ମାନ ଲୋକମାନଙ୍କୁ କିପରି ମିଳିପାରିବ ସେ ଦିଗରେ ଦଳ କାର୍ଯ୍ୟ କରିବ ବୋଲି ସେ କହିଛନ୍ତି।

### ନିମାପଡ଼ାରେ ୧୧୯୫ ନାମାଙ୍କନ

ନିମାପଡ଼ା,୨୧।୧(ଡି.ଏନ୍.ଏ.) ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ନାମାଙ୍କନ ପତ୍ର ଦାଖଲ କରିବା ଶୁକ୍ରବାର ଶେଷ ଦିନ ଥିବାବେଳେ ନିମାପଡ଼ା ବ୍ଲକରେ ୬୬ଜଣ ସରପଞ୍ଚ ପ୍ରାର୍ଥୀ, ୬୮ଜଣ ସମିତିସଭ୍ୟ, ୪୪୮ଜଣ ୱାର୍ଡସଭ୍ୟ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଗତ ୫ଦିନ ମଧ୍ୟରେ ବ୍ଲକରେ ୩୨ ସରପଞ୍ଚ ପଦବୀ ନିମନ୍ତେ ୧୧୯ ଜଣ ସରପଞ୍ଚ ପ୍ରାର୍ଥୀ, ୩୨ଟି ସମିତିସଭ୍ୟ ପାଇଁ ୧୦୮ଜଣ ସମିତିସଭ୍ୟ ପ୍ରାର୍ଥୀ, ୯୬୮ ୱାର୍ଡସଭ୍ୟ ପ୍ରାର୍ଥୀଙ୍କ ସମେତ ମୋଟରେ ୧୧୯୫ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ବସନ୍ତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ପ୍ରାର୍ଥୀପତ୍ର ଯାଞ୍ଚ ଓ ପ୍ରତ୍ୟାହାର ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା କରାଯିବ ବୋଲି ନିର୍ବାଚନ ଅଧିକାରୀ ମଲ୍ଲିକ କହିଛନ୍ତି।



ଭୁବନେଶ୍ୱର କଳିଙ୍ଗନଗର କେ୪ରେ ଥିବା ବେଆଇନ ଘରକୁ ଶୁକ୍ରବାର ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଉଛି।



ସାଧାରଣତନ୍ତ୍ର ଦିବସ ପରିପ୍ରେକ୍ଷୀରେ ଶୁକ୍ରବାର ସ୍ମାର୍ଟସିଟି ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲ ନିକଟ ଫୁଟ୍‌ପାଥକୁ ରଙ୍ଗ କରାଯାଉଛି।



ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବାସଭବନରେ କ୍ୟାମେରାମ୍ୟାନ ଶ୍ରୀନିବାସ ମହାପାତ୍ରଙ୍କୁ 'ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ' ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ମହିଳା ଫାଇନାନ୍ସ କର୍ମଚାରୀଙ୍କୁ ଆକ୍ରମଣ

**ସ୍କୁଟି ସହ ୬୦ ହଜାର ଟଙ୍କା ନେଇଗଲେ**

**ଖୋର୍ଦ୍ଧା ଅଫିସ,୨୧।୧:** ଖୋର୍ଦ୍ଧା ସଦର ଥାନା ଅଞ୍ଚଳରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଏହି ଥାନା ଅନ୍ତର୍ଗତ ଗୁଡୁମ ଛକରେ ଶୁକ୍ରବାର ମଧ୍ୟାହ୍ନରେ ଜଣେ ମହିଳାଙ୍କୁ କେତେଜଣ ଦୁର୍ବୃତ୍ତ ମାରଣାସ୍ତ୍ରରେ ଆକ୍ରମଣ କରି ସ୍କୁଟି ସହ ୬୦ହଜାର ଟଙ୍କା ଲୁଟି ନେଇଛନ୍ତି। ସମ୍ପୃକ୍ତ ମହିଳା ଖୋର୍ଦ୍ଧାର ଏକ ଘରୋଇ ଫାଇନାନ୍ସ ସଂସ୍ଥାରେ କାର୍ଯ୍ୟ କରୁଥିବା ଜଣାପଡିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ସେ ଘରକୁ ଫେରିଛନ୍ତି। ତେବେ ଦୁର୍ବୃତ୍ତମାନେ ବ୍ୟବହାର କରୁଥିବା ନମ୍ବର ବିହୀନ ବାଇକ୍ ଘଟଣାସ୍ଥଳରେ ଛାଡି ପଳାଇଛନ୍ତି। ଖବରପାଇ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ମହିଳା ଜଣକ ବିଭିନ୍ନ ସ୍ଥାନରୁ ଋଣ ଅର୍ଥ ଆଦାୟ କରି ସ୍କୁଟିରେ ଖୋର୍ଦ୍ଧା ଅଭିମୁଖେ ଆସୁଥିଲେ। ବାଇକ୍‌ରେ ପିଛା କରୁଥିବା ଦୁର୍ବୃତ୍ତମାନେ ଗୁଡୁମ ଛକରେ ତାଙ୍କୁ ଅଟକାଇବା ସହ ବେକରେ ମାରଣାସ୍ତ୍ର ଲଗାଇ ଭୟଭୀତ କରିଥିଲେ। ଟଙ୍କା ବ୍ୟାଗକୁ ତାଙ୍କ ଠାରୁ ଛଡାଇଥିଲେ। ପରେ ଦୁର୍ବୃତ୍ତମାନେ ଆସିଥିବା ବାଇକକୁ ସେଠାରେ ଛାଡି ମହିଳାଙ୍କ ଟଙ୍କା ବ୍ୟାଗ ସହ ସ୍କୁଟି ଧରି ଫେରାର ହୋଇଯାଇଥିଲେ। ରାସ୍ତାରେ ଯାତାୟାତ କରୁଥିବା ଲୋକେ ଏନେଇ ପୋଲିସକୁ ସୂଚନା ଦେଇଥିଲେ ମଧ୍ୟ ପୋଲିସ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ଏନେଇ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ସ୍ଥାନୀୟ ଲୋକେ ମହିଳାଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ଏନେଇ ସମ୍ପୃକ୍ତ ସଂସ୍ଥା ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି।

### ୨୦ଲକ୍ଷ ଟଙ୍କାର ମଦ ଜବତ

**ଟାଙ୍ଗୀ(ଖୋର୍ଦ୍ଧା),୨୧।୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ନାଚୁଣୀ ଷଣ୍ଢଛକରୁ ୧୪୦୦ ପେଟି ଦେଶୀ ମଦ ସହ ୨ଟି ଟ୍ରକ୍ ଜବତ କରାଯାଇଛି। ଏଥିସହ ଜଣେ ଡ୍ରାଇଭର ଧରାପଡ଼ିଛନ୍ତି। ଜବତ ମଦର ଆନୁମାନିକ ମୂଲ୍ୟ ୨୦ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ନିରୀକ୍ଷକ ଆଲୋକ କୁମାର ପ୍ରଧାନ କହିଛନ୍ତି। ବିପୁଳ ପରିମାଣର ମଦ ନୟାଗଡ଼ରୁ ବାଲୁଗାଁ ଅଭିମୁଖେ ଯାଉଥିବା ଅବକାରୀ ବିଭାଗ ଖବର ମିଳିଥିଲା। ଖବରପାଇ ଅବକାରୀ ବିଭାଗ ପହଞ୍ଚି ଚଢ଼ାଉ କରି ମଦ ଓ ଗାଡ଼ି ଜବତ କରିଥିଲା ।

### ସମିତିସଭ୍ୟ ପଦ ପାଇଁ ଖବରଦାତାଙ୍କ ନାମାଙ୍କନ

**ବୋଲଗଡ଼,୨୧।୧(ଡି.ଏନ୍.ଏ.):** ବୋଲଗଡ଼ ପଞ୍ଚାୟତ ସମିତି ଅଧୀନ ଫାସିଓଦା ପଞ୍ଚାୟତର ସମିତିସଭ୍ୟ ପ୍ରାର୍ଥୀ ପାଇଁ ଖବରଦାତା ପ୍ରଦୀପ କୁମାର ପ୍ରଧାନ ନାମାଙ୍କନ ଦାଖଲ କରିଛନ୍ତି। ତେବେ ନାମାଙ୍କନ ଦାଖଲ ବେଳେ ବ୍ଲକ ବିଜେଡି ସଭାପତି ବାନାମ୍ବର ମାଝି, ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ପ୍ରଧାନ ପ୍ରସ୍ତାବକ ଓ ସମର୍ଥକମାନେ ଉପସ୍ଥିତ ଥିଲେ। ପ୍ରକାଶ ଯେ, ପ୍ରଦୀପ ଏମ୍‌ଏସ୍‌ସି ପାସ୍ କରିଥିବା ବେଳେ ଖବରଦାତା ଓ ସାମାଜିକ କର୍ମୀ ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ। ପଞ୍ଚାୟତର ବିଭିନ୍ନ ସମସ୍ୟାକୁ ସମିତି କାର୍ଯ୍ୟାଳୟରେ ଉପସ୍ଥାପନକରି ଉପଯୁକ୍ତ ସମାଧାନ ଦିଗରେ ଦକ୍ଷତାର ସହ କାର୍ଯ୍ୟ କରିପାରିବେ ବୋଲି ସେ କହିଛନ୍ତି।



ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ଲୋକଙ୍କ ପ୍ରବଳ ଗହଳି।



ଇଉ୍‌କଲ ଅଡିଟୋରିୟମରେ ୫୦% ଦର୍ଶକ ନିୟମ ଉଲ୍ଲଂଘନ।

# ସବୁଠି କଟକଣା ଉଲ୍ଲଂଘନ

**ଭୁବନେଶ୍ୱର, ୨୧।୧ (ବ୍ୟୁରୋ)**

କଟକଣା କଡ଼ା, ହେଲେ କାର୍ଯ୍ୟକାରୀ ଶୂନ। ପୋଲିସ, ପ୍ରଶାସନଠାରୁ ସାଧାରଣ ଜନତା ସମସ୍ତେ ଢିଲା। ଯେଉଁଥିପାଇଁ ସଂକ୍ରମଣ ଓ ସକ୍ରିୟ ଆକ୍ରାନ୍ତ ସଂଖ୍ୟାରେ ଦେଶର ୧୦ ରାଜ୍ୟ ମଧ୍ୟରେ ଓଡ଼ିଶା ରହିଛି। ତେବେ ରାଜଧାନୀ ଭୁବନେଶ୍ୱର ପାଇଁ ରାଜ୍ୟର ସ୍ଥିତି ବିଗିଡିବାରେ ଲାଗିଛି ବୋଲି କୁହାଯାଉଛି। ରାଜ୍ୟରେ ସଂକ୍ରମଣ କମିଥିଲେ ମଧ୍ୟ ଭୁବନେଶ୍ୱରରେ ସଂକ୍ରମଣର ହଟ୍‌ସ୍ପଟ୍ ପାଲଟିଛି। ଯେଉଁଠି ଦେଖିବ ସେଠି କରୋନା କଟକଣା ଓ ଗାଇଡ୍‌ଲାଇନ୍ ଉଲ୍ଲଂଘନ ହେଉଥିବା ଦେଖାଯାଉଛି। ରାସ୍ତାଘାଟ, ହାଟ, ବଜାରରେ ଅସମ୍ଭାଳ ଭିଡ଼ ହେଉଥିବାବେଳେ ହଲ୍, ମଲ୍, ପ୍ରେକ୍ଷାଳୟ, କାର୍ଯ୍ୟାଳୟରେ ବି ନିୟମ ଠିକ୍ ଭାବେ ପାଳନ ହେଉ ନାହିଁ। ସାମାଜିକ ଦୂରତା ଦୂରେ ଥାଉ, ଠିକ୍ ଭାବେ ମାସ୍କ ଓ ଅନ୍ୟାନ୍ୟ ନିର୍ଦ୍ଦେଶ ଉଲ୍ଲଂଘନ ହେଉଛି। ଦେଖିଲେ ଲାଗୁଛି କାହାର ଯେମିତି କରୋନାକୁ ଆଉ ଡର ନାହିଁ। ଭିଡ଼ ଭିତରେ ବି ବରିଷ୍ଠ ଓ ଛୋଟ ପିଲାଙ୍କୁ ଦେଖିବାକୁ ମିଳୁଛି। ଲୋକଙ୍କର ଏପରି ଖାମଖିଆଲ ମନୋଭାବ ପାଇଁ କରୋନା, ଓମିକ୍ରନ୍ ଭଳି ଭୂତାଣୁ ଦ୍ରୁତଗତିରେ ମାଡ଼ି ଚାଲିଛି।

ତୃତୀୟ ଲହର ସଂକ୍ରମଣ ବୃଦ୍ଧି ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସହର ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ କରିଛି। କମିନରେଟ ପୋଲିସ ମଧ୍ୟ କଡା ଆଭିମୁଖ୍ୟ ଗ୍ରହଣ କରୁଥିବା କହୁଛି। କିନ୍ତୁ ସହରର ପ୍ରତିଦିନର

### ସଂକ୍ରମଣରେ ହଟ୍‌ସ୍ପଟ୍ ପାଲଟିଲାଣି ରାଜଧାନୀ

ବାସ୍ତବ ଚିତ୍ରକୁ ଦେଖିଲେ, କଟକଣା କରି ପୋଲିସ ଓ ପ୍ରଶାସନ ପୂରା ଚୁପ୍ ବସିଛି। ସହରର ପ୍ରମୁଖ ସ୍ଥାନ ୟୁନିଟ୍-୧ ମାର୍କେ, ୟୁନିଟ୍-୨ ମାର୍କେଟ ବିଲ୍ଡିଂ, ୟୁନିଟ୍-୪ ମାର୍କେଟ, ବାପୁଜୀନଗର, ରାଜମହଲ, ରସୁଲଗଡ଼, ଆଚାର୍ଯ୍ୟବିହାର ଆଦି ସ୍ଥାନରେ ଲୋକଙ୍କ ଭିଡ଼ ଲାଗି ରହୁଛି। ପ୍ରେକ୍ଷାଳୟରେ ମଧ୍ୟ ଗାଇଡ୍‌ଲାଇନକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ୫୦ ପ୍ରତିଶତ ଲୋକଙ୍କୁ ନେଇ ପ୍ରେକ୍ଷାଳୟରେ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିୟମ ରହିଛି। ପୁଣି ସିଟ୍ ଛାଡ଼ି ଅନ୍ୟ ସିଟ୍‌ରେ ଲୋକଙ୍କୁ ବସିବାର ବ୍ୟବସ୍ଥା କରିବାକୁ କୁହାଯାଇଛି। ପ୍ରେକ୍ଷାଳୟରେ ବସିଥିବା ସମସ୍ତେ ମାସ୍କ ପିନ୍ଧିବା ସହ କୋଭିଡ୍ ନିୟମ ପାଳନ କରିବାକୁ ନିର୍ଦ୍ଦେଶ ରହିଛି। ମାତ୍ର ଅଧିକାଂଶ ସ୍ଥାନରେ ସେପରି ହେଉନାହିଁ। ଗୁରୁବାର ଇଉ୍‌କଲ ଅଡିଟୋରିୟମ୍‌ଠାରେ ଚାଲିଥିବା ଏକ କାର୍ଯ୍ୟକ୍ରମରେ ଏଭଳି ଉଲ୍ଲଂଘନ ନଜରକୁ ଆସିଥିଲା। ପ୍ରେକ୍ଷାଳୟର ପୂରା ସିଟ୍ ଭର୍ତ୍ତି ଥିବାବେଳେ ବହୁ ଲୋକ ଛିଡା ହୋଇ କାର୍ଯ୍ୟକ୍ରମ ଦେଖୁଥିଲେ। ପୁଣି ଅଧିକାଂଶ ଲୋକଙ୍କ ମୁହଁରେ ମାସ୍କ ମଧ୍ୟ ନ ଥିଲା।

ମେଟ୍ରୋ ସହରରେ ଚାଲୁଥିବା ମୋ ବସ୍ ଗୁଡ଼ିକରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳୁଛି। ବସ୍‌ରେ ଯେତିକି ସିଟ୍ ଅଛି ସେତିକି ଯାତ୍ରୀ ଯିବାର ନିୟମ ରହିଛି। ମାତ୍ର ବସ୍‌ଗୁଡ଼ିକରେ ଏକାଧିକ ଯାତ୍ରୀ ଠିଆ ହୋଇ ଯାତ୍ରା କରୁଛନ୍ତି। ମୋ ବସ୍‌ରେ ଯାତ୍ରା ଭଡ଼ା କମ୍ ରହୁଥିବାରୁ ସହର ମଧ୍ୟରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପାଇଁ ଅଟୋ ଅପେକ୍ଷା ଲୋକମାନେ ଏହାକୁ ଅଧିକ ପସନ୍ଦ କରୁଛନ୍ତି। ଅପରପକ୍ଷେ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲବେଳେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ପ୍ରାର୍ଥୀମାନେ ଜଣେ ସମର୍ଥକଙ୍କୁ ନେଇ ପ୍ରାର୍ଥୀପତ୍ର ଦାଖଲ ଓ ୫ଜଣ ସମର୍ଥକଙ୍କୁ ନେଇ ପ୍ରଚାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ପ୍ରାର୍ଥୀମାନେ ଏକାଧିକ ସମର୍ଥକଙ୍କ ଗହଣରେ ଶୋଭାଯାତ୍ରା କରି ନାମାଙ୍କନପତ୍ର ଦାଖଲ କରୁଥିବା ଦେଖାଯାଇଥିଲା। ତେବେ ଶୁକ୍ରବାର ଶେଷ ଦିନରେ ଭୁବନେଶ୍ୱର ଏଡିଏମ୍ ଅଫିସ ସହ ଅନ୍ୟ କେତେକ ସ୍ଥାନରେ କୋଭିଡ୍ କଟକଣା ଖୋଲାଖୋଲି ଉଲ୍ଲଂଘନ ହୋଇଥିଲା।

### ଶ୍ରୀନିବାସ ପାଇଲେ 'ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ'

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**

ଅଭିନବ ଭାରତୀୟ ଚଳଚ୍ଚିତ୍ରର ଜନକ ପ୍ରମୋଦ ପତିଙ୍କ ୪୮ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ କ୍ୟାମେରାମ୍ୟାନ ଶ୍ରୀନିବାସ ମହାପାତ୍ରଙ୍କୁ 'ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ' ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ମହାପାତ୍ରଙ୍କ ବରମୁଣ୍ଡାସ୍ଥିତ ବାସଭବନରେ ରାଜ୍ୟ ଅର୍ଥ ଆୟୋଗର ପୂର୍ବତନ ଅଧ୍ୟକ୍ଷ ଡ. ରବିନାରାୟଣ ସେନାପତିଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲରେ ଅନୁଷ୍ଠିତ ପ୍ରତୀକାତ୍ମକ ଉତ୍ସବକୁ ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଭାରତ ସରକାରଙ୍କ ଆଞ୍ଚଳିକ ଆଉଟ୍‌ରିଚ୍ ବ୍ୟୁରୋର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର, ରାଜ୍ୟ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ, ବରିଷ୍ଠ ସାମ୍ବାଦିକ ତଥା ଉତ୍କଳ ପ୍ରସଙ୍ଗର ପୂର୍ବତନ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର, ପୌରୁଷର ସମ୍ପାଦକ ଅସିତ ମହାନ୍ତି, ଗବେଷକ ଡ. ଶ୍ରୀଚରଣ ମହାନ୍ତି, ସମାଜସେବୀ ଜଗବନ୍ଧୁ ଷଡ଼ଙ୍ଗୀ, ଅରବିନ୍ଦ ଦାସ, ବାପୁ ଲେଙ୍କା ଓ ଦିଲୀପ କୁମାର ରାୟ ଅତିଥି ଭାବେ ଯୋଗଦେଇ ପ୍ରମୋଦ ପତିଙ୍କ ଅମର କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ଭାରତୀୟ ଦର୍ଶକଙ୍କୁ ବିଭିନ୍ନ ଢଙ୍ଗର ହିନ୍ଦୀ ଓ ଓଡ଼ିଆ ଚଳଚ୍ଚିତ୍ର ଭେଟି ଦେଇ ଜଣେ ଜାତୀୟ ସ୍ତରର କୁଶଳୀ କ୍ୟାମେରାମ୍ୟାନ ଭାବେ ନିଜର ସ୍ୱାତନ୍ତ୍ର୍ୟ ଜାହିର କରିଥିବା ମହାପାତ୍ର ନିଜର ବୃତ୍ତିଗତ ଜୀବନର ଅଭିଜ୍ଞତାକୁ ବର୍ଣ୍ଣନା କରିଥିଲେ। ପ୍ରମୋଦ ପତି, ଶୁଭେନ୍ଦୁ ରାଉତରାୟ, ସୁବାସ ଚନ୍ଦ୍ର ରଥ, ଗୋଲକ ବିହାରୀ ସିଂହ, ଲଳିତ କୁମାର ସାହୁ, ଅଭିଷେକ ମହାପାତ୍ର, ଶ୍ୟାମ ସୁନ୍ଦର ମହାପାତ୍ର ଉପସ୍ଥିତ ଥିଲେ।



ଆଇଏନ୍‌ଏସ୍ ଚିଲିକାରେ ଶୁକ୍ରବାର ଅନୁଷ୍ଠିତ ଇଣ୍ଡିଆନ ନାଭି ଓ କୋଷ୍ଟ ଗାର୍ଡର ୦୨/୨୦୨୧ ବ୍ୟାଚ୍ ପାସିଂ ଆଉଟ୍ ପରେଡରେ ୨୯୨୯ଜଣ ପ୍ରଶିକ୍ଷିତ ଯବାନଙ୍କୁ ଗୋପାଳପୁରସ୍ଥିତ ଆର୍ମି ଏୟାର ଡିଫେନ୍ସ କଲେଜର ଏଭିଏସ୍‌ଏମ୍ କମାଣ୍ଡାଣ୍ଟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ସତିନ୍ଦର ସିଂହ ଅଭିବାଦନ ଗ୍ରହଣ କରୁଛନ୍ତି।

### ସହାୟତା ଅପେକ୍ଷାରେ ସର୍ବେଶ୍ୱର

**ବେଗୁନିଆ,୨୧।୧(ଡି.ଏନ୍.ଏ.)**

ସରକାର ଗରିବ ଓ ଅସହାୟଙ୍କ ଉନ୍ନତୀକରଣ ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ହେଲେ କେତେଜଣ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଅନେକ ଲୋକ ସରକାରଙ୍କ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏଭଳି ଘଟଣା ବେଗୁନିଆ ବ୍ଲକ ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ କରଡ଼ଗାଡିଆ ଗ୍ରାମର ସର୍ବେଶ୍ୱର ପାତ୍ର(୫୨)ଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଭଙ୍ଗା ଚାଳ ଘରେ ଜୀବନ ବିତାଉଥିବା ବେଳେ ସରକାରଙ୍କ ଆବାସ ଯୋଜନାରୁ ସେ ବଞ୍ଚିତ ହୋଇଛନ୍ତି। ସୂଚନା ମୁତାବକ, ମା'ବାପାଙ୍କ କୋଳରେ ଶୈଶବ ଅବସ୍ଥା ବିତେଇବା ପରେ ୧୮ବର୍ଷ ବୟସରେ ସର୍ବେଶ୍ୱରଙ୍କୁ ରୋଜଗାର ଚିନ୍ତା ଘାରିଥିଲା। ଉପାୟ ନ ପାଇ ଶେଷରେ ଭିକ୍ଷା ବୃତ୍ତିକୁ ଆପଣେଇଥିଲେ। ଗାଁ ଗାଁ ବୁଲି ଭିକ୍ଷା କରି ପରିବାର ଚଳାଉଥିଲେ। ଲୋକେ ଦେଉଥିବା ଚାଉଳକୁ ବିକ୍ରି କରି ଧୁଡୁକି କିଣି ଭଜନ ଗାନ କରି ଲୋକଙ୍କ ମନ ଜିଣିଥିଲେ। ସରବା ନନା ଭାବେ ସେ ସ୍ଥାନୀୟ ଅଞ୍ଚଳରେ ପରିଚିତ।



ସର୍ବେଶ୍ୱର ପାତ୍ର।

ପରେ ତାଙ୍କ ବିବାହ ହୋଇଥିଲା। ଦୁଇଟି ସନ୍ତାନର ବାପା ହେବା ପରେ ଦୈନିକ ଭିକ୍ଷାରୁ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି। ଭଙ୍ଗା ଚାଳ ଘରେ ଜୀବନ ବିତାଉଥିବା ବେଳେ ସରକାରଙ୍କ ଆବାସ ଯୋଜନା ତାଙ୍କ ପାଇଁ ସାତସପନ ପାଲଟିଛି। ଏନେଇ ବିଭିନ୍ନ ବିଭାଗରେ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ସରକାରୀ ସହାୟତା ଓ ପକ୍କା ଘର ମିଳିଲେ ସରକାରଙ୍କ ନିକଟରେ ଋଣି ରୁହନ୍ତି ବୋଲି ସର୍ବେଶ୍ୱର କହିଛନ୍ତି। ତୁରନ୍ତ ସର୍ବେଶ୍ୱରଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

# ନାମାଙ୍କନ ଦାଖଲ କଲେ ୭୫୫୦ ପ୍ରାର୍ଥୀ

**ଖୋର୍ଦ୍ଧା ଅଫିସ,୨୧।୧**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଖୋର୍ଦ୍ଧା ଜିଲାରେ ଶୁକ୍ରବାର ୨୮୭୮ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସେଥିରୁ ୱାର୍ଡମେମ୍ବରରେ ୧୯୮୧, ସରପଞ୍ଚ ୪୨୮, ସମିତି ସଭ୍ୟ ୩୮୫ ଏବଂ ଜିଲା ପରିଷଦ ୮୪ଜଣ ରହିଛନ୍ତି। ତେବେ ନାମାଙ୍କନ ଦାଖଲର ଶେଷ ଦିବସ ସୁଦ୍ଧା ଜିଲାର ୧୦ ବ୍ଲକରୁ ମୋଟ ୭୫୫୦ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସେଥିରୁ ୱାର୍ଡମେମ୍ବରରେ ୫୫୮୩, ସରପଞ୍ଚ ୧୦୦୫, ସମିତିସଭ୍ୟ ୮୦୯ ଏବଂ ଜିଲା ପରିଷଦ ୧୫୩ଜଣ ରହିଛନ୍ତି।

ଖୋର୍ଦ୍ଧା ଉପଜିଲାପାଳ ଆଇ. ଗୌରବ ଶିବାଜୀଙ୍କ କାର୍ଯ୍ୟାଳୟରେ ପ୍ରଥମ ପର୍ଯ୍ୟାୟରେ ଚିଲିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୬ଟି ଜୋନ୍‌ର ବିଜେଡି ପ୍ରାର୍ଥୀ ଯଥା ୪ରୁ ମମତା ପ୍ରଧାନ, ୫ରୁ ରୀନା ବେହେରା, ୬ରୁ ସବିତା ସୁନ୍ଦରାୟ, ୧୩ରୁ ସସ୍ମିତା ପ୍ରଧାନ, ୧୪ରୁ ଲିଲିବାଳା ଭୋଳ ଏବଂ ୧୫ରୁ ଗୋପୀନାଥ ମହାରଣା ପ୍ରମୁଖ ବିଜେଡି ନେତ୍ରୀ ସ୍ୱାଗତିକା ଜଗଦ୍ଦେବ ଓ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ଉପସ୍ଥିତିରେ ନାମାଙ୍କନ ଦାଖଲ କରିଥିଲେ। ସେହିପରି ଖୋର୍ଦ୍ଧା ଜୋନ୍ ୨ରୁ କୌଶର ବେଗମ, ୩ରୁ ରୂପଶ୍ରୀରାଣୀ ଗୁମାନସିଂ ଏବଂ ଜୋନ୍ ୯ରୁ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷ ବିଜୟ ଜେନା ନାମାଙ୍କନ ଦାଖଲ କରିଥିଲେ। ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଉପସ୍ଥିତ ଥିଲେ। ପରେ ଖୋର୍ଦ୍ଧା ଜୋନ୍ ୧ରୁ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଲାଇ ପ୍ରାର୍ଥିପତ୍ର ଦାଖଲ କରିଥିଲେ।

### ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ

ବେଗୁନିଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜୋନ୍ ୨୨ରୁ ବିଜେଡି ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ସାହୁ, ୨୩ରୁ ଅନାଦି ସାହୁ, ୨୪ରୁ ତନୁଜା ପାଢଶାଣୀ, ୨୫ରୁ ସୁନନ୍ଦିତା ସାହୁ, ୨୬ରୁ ସୁବାସ ଚନ୍ଦ୍ର ରାୟଗୁରୁ, ୨୭ରୁ ପ୍ରଦୀପ୍ତ କିଶୋର ଛୋଟରାୟ ପ୍ରମୁଖ ନାମାଙ୍କନ ଦାଖଲ କରିଥିଲେ। ଚିଲିକା ନିର୍ବାଚନୀ ମଣ୍ଡଳୀ ଅନ୍ତର୍ଗତ ୬ଟି ଜୋନରୁ କଂଗ୍ରେସ ପ୍ରାର୍ଥୀ ଯଥା ୪ରୁ ଅଞ୍ଜଳି ବିଶ୍ୱାଳ, ୫ରୁ ସୁକୀ ଦେଇ, ୬ରୁ ମଧୁସ୍ମିତା ପ୍ରଧାନ,୧୩ରୁ ସତ୍ୟବତୀ ଜାଲି, ୧୪ରୁ ରଶ୍ମିତା ମହାପାତ୍ର, ୧୫ରୁ ଅକ୍ଷୟ କୁମାର ମହାପାତ୍ର ପ୍ରମୁଖ ନାମାଙ୍କନ ଦାଖଲ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ପ୍ରଦୀପ ସ୍ୱାଇଁ ଉପସ୍ଥିତ ଥିଲେ। ସେହିପରି ବେଗୁନିଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଂଗ୍ରେସ ପ୍ରାର୍ଥୀ ଜୋନ୍ ୨୬ରୁ ଚିରଞ୍ଜୀବୀ ସୁନ୍ଦରା, ୨୭ରୁ ଶଙ୍କର୍ଷଣ ରାଉତ, ୨୫ରୁ ରୀତା ପରିଡା ନାମାଙ୍କନ ଦାଖଲ କରିଥିଲେ। ଚିଲିକା ଜୋନ୍ ୫ରୁ ଭାଜପା ପ୍ରାର୍ଥୀ ନମିତା ବେହେରା ନାମାଙ୍କନ ଦାଖଲ କରିଥିଲେ। ସେହିପରି ବହୁଜନ ସମାଜବାଦୀ ପାର୍ଟି(ବିଏସ୍‌ପି) ପ୍ରାର୍ଥୀ ଜୋନ୍ ୩ରୁ ପୁଷ୍ପା କାଣ୍ଡି, ୧୨ରୁ ଏସ.କେ. ନାଜିର ଏବଂ ୨୪ରୁ ଚାରୁଲତା ବେହେରା ପ୍ରମୁଖ ନାମାଙ୍କନ ଦାଖଲ କରିଥିଲେ। ସ୍ୱାଧୀନ ପ୍ରାର୍ଥୀ ଭାବେ ଜୋନ୍-୧ରୁ ସରୋଜ ବଳିୟାରସିଂ, ଜୋନ୍ ୨୨ରୁ ପୁରୁଷୋତ୍ତମ ବାରିକ, ୨୩ରୁ ପ୍ରଦୀପ୍ତ ମଙ୍ଗରାଜ ଏବଂ ୨୪ରୁ ଭବାନୀ ଚମ୍ପତି ପ୍ରମୁଖ ନାମାଙ୍କନ ଦାଖଲ କରିଥିଲେ।

### ସାଇବର ଠକେଇର ଶିକାର ହେଲେ ପୋଲିସ କର୍ମଚାରୀଙ୍କ ସ୍ତ୍ରୀ

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**

ରାଜ୍ୟରେ ସାଇବର ଠକେଇ ବଢ଼ି ଚାଲିଛି। ବାରମ୍ବାର ସଚେତନତା ସତ୍ତ୍ୱେ ଲୋକେ ସତର୍କ ହେଉନାହାନ୍ତି। ଏପଟେ ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ଗଠନ କରାଯାଇଥିବା ସାଇବର ସେଲ୍ ମଧ୍ୟ ଏଯାଏ ଏହି ଠକେଇ ରୋକିବାରେ ସଫଳ ହୋଇପାରିନି। ଫଳରେ ଓଡ଼ିଶାରେ ସାଇବର ଠକମାନେ ବେଶ୍ ସକ୍ରିୟ ହୋଇପଡିଥିବାବେଳେ ଏବେ ରାଜଧାନୀରେ ଜଣେ ପୋଲିସ କର୍ମଚାରୀଙ୍କ ସ୍ତ୍ରୀ ସାଇବର ଠକେଇର ଶିକାର ହୋଇଛନ୍ତି। କ୍ରେଡିଟ କାର୍ଡ ଅପ୍‌ଡେଟ୍ କରାଇବା ଆଳରେ ସାଇବର ଠକମାନେ ତାଙ୍କ ଆକାଉଣ୍ଟରୁ ୪୯ ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ତାଙ୍କ ସ୍ୱାମୀ ତଥା ଏଏସ୍‌ଆଇ ବିଜୟ ବହଳି ଭୁବନେଶ୍ୱର ସାଇବର ଥାନାରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ସାଇବର ଥାନା ପୋଲିସ ତଦନ୍ତ କରି ଟଙ୍କା ଫେରାଇ ଆଣିବାକୁ ଉଦ୍ୟମ ଚଳାଇଥିବା ସୂଚନା ମିଳିଛି।



ଭୁବନେଶ୍ୱର କଳିଙ୍ଗନଗର କେ୪ରେ ଥିବା ବେଆଇନ ଘରକୁ ଶୁକ୍ରବାର ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଉଛି।



ସାଧାରଣତନ୍ତ୍ର ଦିବସ ପରିପ୍ରେକ୍ଷୀରେ ଶୁକ୍ରବାର ସ୍ମାର୍ଟସିଟି ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲ ନିକଟ ଫୁଟ୍‌ପାଥକୁ ରଙ୍ଗ କରାଯାଉଛି।



ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବାସଭବନରେ କ୍ୟାମେରାମ୍ୟାନ ଶ୍ରୀନିବାସ ମହାପାତ୍ରଙ୍କୁ 'ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ' ପ୍ରଦାନ କରାଯାଉଛି।